## ସଂକ୍ଷେପରେ

### ଜଗନ୍ନାଥନଗର ଅଞ୍ଚଳରୁ ଚୋରି

ଗୁଣପୁର,୧୨।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରରେ ପୁଣି ମାତିଲେ ଡକାୟତି ଦଳ। ଜଗନ୍ନାଥ ନଗର ଅଞ୍ଚଳର ଶିବ ପଣ୍ଡାଙ୍କ ଘରୁ ୨୫ ଭରି ସୁନା ସହ ୬ ଲକ୍ଷ ୮୦ ହଜାର ଟଙ୍କା ଚୋରି ହୋଇଛି। ଅଭିଯୋଗ ହେବା ପରେ ଏସ୍‌ଡିପିଓ ବାବୁଲି ନାୟକ ଏବଂ ଆଇଆଇସି ଉତ୍ତମ କୁମାର ସାହୁ ସନ୍ଧାନୀ କୁକୁର ସହ ଶନିବାର ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି। ୭ତାରିଖରୁ ଶିବଙ୍କ ପରିବାର ଲୋକେ ପୁରୀ ଯାଇଥିଲେ। ଶୁକ୍ରବାର ରାତ୍ରରେ ସେମାନେ ଘରକୁ ଫେରିବା ପରେ ଘର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଏହାପରେ ଘରୁ ଚୋରି ହୋଇଥିବା ଜାଣିପାରି ଶିବ ପୋଲିସକୁ ଜଣାଇଥିଲେ। ୧୦ ତାରିଖ ଅପରାହ୍ନ ୪ଟାରେ ଜଣେ ଅଜଣା ବ୍ୟକ୍ତିଙ୍କ କଲ୍ ତାଙ୍କ ପାଖକୁ ଆସିଥିଲା। ସେ ଉଠାଇ ନ ପାରି ପରେ କଲ୍ ବ୍ୟାକ୍ କରିଥିଲେ। କଲ୍ କରିଥିବା ଲୋକ ଜଣଙ୍କ ନିଜନାମ ନୀତିନ ବୋଲି କହିଥିଲେ। ତାଙ୍କ ଉପରେ ସନ୍ଦେହ ହେଉଛି ବୋଲି ଶିବ କହିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

### କଟାଗଲା ସ୍କୁଲ ନିକଟରେ ଥିବା ଶୁଖିଲା ଗଛ
### ଧରିତ୍ରୀ ପ୍ରଭାବ

ଟିକିରି, ୧୨।୮ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ୍ ଟିକିରି ଅଧୀନ ସର୍ଗିଗୁଡା ପ୍ରଥମିକ ବିଦ୍ୟାଳୟ ନିକଟରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଶୁଖିଲା ଗଛକୁ ଶୁକ୍ରବାର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କଟାଯାଇଛି। ଦୈନିକ ଖବରକାଗଜ 'ଧରିତ୍ରୀ'ରେ ଗତ ୭ ତାରିଖରେ ବିଦ୍ୟାଳୟ ପାର୍ଶରେ ଶୁଖିଲା ଗଛ, ଅଘଟଣ ଆଶଙ୍କା ଖବର ପ୍ରକାଶିତ ପରେ ଶୁକ୍ରବାର ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟ କର୍ତ୍ତୃପକ୍ଷ ଶୁଖିଲା ଗଛଟିକୁ କାଟିଥିଲେ । ତେବେ ଟିକିରି ପ୍ରାଥମିକ ବିଦ୍ୟାଳୟରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶୁଖିଲା ଗଛକୁ ପ୍ରଶାସନ ତରଫରୁ କେବେ କଟା ହେବ ଦେଖିବାକୁ ବାକି ରହିଲା।

### ନୂତନ ଏସ୍‌ଡିପିଓଙ୍କୁ ସମ୍ବର୍ଦ୍ଧନା

ମୁନିଗୁଡ଼ା, ୧୨।୮ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡା ମଣ୍ଡଳ ଭାଜପା ପକ୍ଷରୁ ଶୁକ୍ରବାର ବିଷମକଟକ ନୂତନ ଏସଡିପିଓ ସନ୍ତୋଷିନୀ ଓରାମଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ଏସ୍‌ଡିପିଓଙ୍କୁ ଭେଟି ସ୍ଥାନୀୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷକରି ଗଞ୍ଜେଇ ମାଫିଆଙ୍କୁ ଦମନ, ଟ୍ରାଫିକ ସମସ୍ୟା, ରାତ୍ରି ପାଟ୍ରୋଲିଂକୁ କଡାକଡି କରିବା, ନାବାଳକମାନେ



ବାଇକ ଗାଡ଼ି ସ୍ପିଡ୍ ଚଲାଇବା ଉପରେ ଦୃଷ୍ଟି ରଖିବାକୁ ଅନୁରୋଧ କରିଥିଲେ। ଏ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ନୂତନ ଏସ୍‌ଡିପିଓ ଓରାମ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଜିଲା ଭାଜପା ଉପସଭାପତି ରାମକୃଷ୍ଣ ପଣ୍ଡା, ମଣ୍ଡଳ ସଭାପତି ଜଗା ଶବର, ଭାଜପା ନେତ୍ରୀ ସୁଶୀଳା ସରାଫ, ନଗର ଯୁବ ମୋର୍ଚ୍ଚା ସଭାପତି ଗରିବ ଗରଡିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ଫିଟ୍‌ନେସ୍‌ରେ ଗଡ଼ୁଛି ୪ ଓଏସ୍‌ଆର୍‌ଟିସି ଗାଡ଼ି

ରାୟଗଡ଼ା,୧୨।୮ (ଭାଗ୍ୟଶ୍ରୀ ମିଶ୍ର)

ରାଜ୍ୟ ସରକାର ପରିବହନ କ୍ଷେତ୍ରରେ ଯାତ୍ରୀଙ୍କୁ ରିହାତି ମୂଲ୍ୟରେ ସୁବିଧା ଦେବା ପାଇଁ ସରକାରୀ ବସ୍ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) କରିଛନ୍ତି। ହେଲେ ଏହାର ରାୟଗଡ଼ା କାର୍ଯ୍ୟାଳୟ ଅବହେଳିତ ଅବସ୍ଥାରେ ରହିଛି। ପରିଚାଳନାଗତ ତ୍ରୁଟି ଯୋଗୁ ଘରୋଇ ବସ୍‌ର ଚାହିଦା ବଢୁଛି ଏବଂ ସରକାରୀ ବସ୍‌କୁ ଯାତ୍ରୀମାନେ କମ ପସନ୍ଦ କରୁଛନ୍ତି। ରାୟଗଡ଼ାରେ ଓଏସ୍‌ଆର୍‌ଟିସିର ନିଜସ୍ୱ କାର୍ଯ୍ୟାଳୟ, ସ୍ୱତନ୍ତ୍ର ଗ୍ୟାରେଜ ନାହିଁ। ଗୋଟିଏ ଭଡ଼ା ଘରେ ଷ୍ଟେଶନ ଅଫିସ, କାଉଣ୍ଟର, ଡିପୋ ଅଫିସ ୩ ଚାଲିଛି। ରାୟଗଡ଼ାର ଓଏସ୍‌ଆର୍‌ଟିସି କାର୍ଯ୍ୟାଳୟ ଭିତ୍ତିଭୂମି ବିକାଶ କଲେ ରାଜସ୍ୱ ବଢ଼ିବା ସହ ସରକାରୀ ବସକୁ ଲୋକେ ବହୁଳ ବ୍ୟବହାର କରିବେ ବୋଲି ବୁଦ୍ଧିଜୀବୀ କହିଛନ୍ତି।

ରାୟଗଡ଼ା ଡିପୋରେ ଲାଭ ହେଉ ନଥିବାରୁ ଏଠାରେ କାର୍ଯ୍ୟାଳୟ ପ୍ରତି ବିଭଗୀୟ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି। ୨୦୦୨ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଏସ୍‌ଆର୍‌ଟିସି କାର୍ଯ୍ୟାଳୟ ଥିଲା। ଘରୋଇ ବସ୍‌ଗୁଡିକ ସେହି ସମୟରେ ଲାଭରେ ଚାଲିଥିବାବେଳେ ଓଏସ୍‌ଆର୍‌ଟିସି ଅନେକ କ୍ଷତି ସହିବା ପରେ ଉକ୍ତ କାର୍ଯ୍ୟାଳୟକୁ ବନ୍ଦ କରାଯାଇଥିଲା। ୨୦୧୫ରୁ ରାୟଗଡ଼ା ବସ୍‌ଷ୍ଟାଣ୍ଡର ଏକ

### ଅବହେଳିତ ଅବସ୍ଥାରେ ଓଏସ୍‌ଆର୍‌ଟିସି ଡିପୋ

ଭଡ଼ାଘରେ ଉକ୍ତ କାର୍ଯ୍ୟାଳୟ ଚାଲିଛି। ଓଏସ୍‌ଆର୍‌ଟିସି ରାୟଗଡ଼ା (ଡିପୋ)ରେ ବର୍ତ୍ତମାନ ୧୨ଟି ସରକାରୀ ବସ ଚାଲୁଥିବା କାଗଜପତ୍ରରେ ଦର୍ଶାଯାଇଛି। ମାତ୍ର କେବଳ ୪ଟି ନିୟମିତ ଭାବରେ ଚାଲୁଛି। ୮ଟି ଗାଡ଼ି ଖରାପ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଗାଡ଼ି ଖରାପ ହୋଇଗଲାଣି। ୪ଟି ଗାଡିର ଫିଟ୍‌ନେସ ମଧ୍ୟ ସରିଯାଇଛି। ଉକ୍ତ ଗାଡ଼ିକୁ କିନ୍ତୁ ଦୂର ଯାତ୍ରାରେ ବ୍ୟବହାର କରାଯାଉଛି। ତେଣୁ ସରକାରୀ ଗାଡ଼ିରେ ଯିବାକୁ ଡର ଲାଗୁଛି ବୋଲି ଅନେକ ଯାତ୍ରୀ କହିଛନ୍ତି। ଗ୍ୟାରେଜ ନ ଥିବାରୁ ଗାଡ଼ି ଧୋଇବା ରଖିବାରେ ଅସୁବିଧା ହେଉଛି ବୋଲି ଡ୍ରାଇଭରମାନେ କହିଛନ୍ତି। ଗାଡ଼ି ଖରାପ ହେଲେ ସେଗୁଡିକର ମରାମତି, ପାର୍ଟସ୍ ଲଗାଇବା ଏସବୁ କରାଯାଇ ପାରୁ ନ ଥିବା କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଗୋଟିଏ ଗାଡ଼ିର ୧୫ ବର୍ଷ ଭ୍ୟାଲିଡ୍ ପୂର୍ବରୁ ହିଁ ଅଯୋଗ୍ୟ ହୋଇଯାଉଛି। ରାୟଗଡ଼ା ଡିପୋ ସହାୟକ ମ୍ୟାନେଜର ସଂଗ୍ରାମ ଜେନାଙ୍କୁ ପଚାରିବାରୁ, ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛୁ। ଗ୍ୟାରେଜ ନ ଥିବାରୁ ଗାଡ଼ି ରକ୍ଷଣାବେକ୍ଷଣା ନ ହେବା ଯଥାର୍ଥ। ଉନ୍ନୟନ କାର୍ଯ୍ୟ ଆଗକୁ କରାଯିବ ବୋଲି ସେ କହିଛନ୍ତି।

# ୯ ଘଣ୍ଟା ଭାରିଯାନ ଚଳାଚଳ ଠପ୍

### ରାସ୍ତାରେ ଅଟକିଗଲା ଟ୍ରକ୍

ରାୟଗଡ଼ା,୧୨।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା-ବିଶାଖାପାଟଣା ମୁଖ୍ୟ ରାସ୍ତାସ୍ଥିତ ମଝିଘରିଆଣି ମନ୍ଦିର ନିକଟ ପୋଲ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଟ୍ରକ ଖରାପ ହୋଇ ରାସ୍ତାରେ ଦୀର୍ଘ ସମୟ ଅଟକି ରହିଥିଲା। ଫଳରେ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ଠପ୍ ହୋଇଯାଇଥିଲା। ସହର ସାରା ମାଳମାଳ ଟ୍ରକ ଛିଡ଼ା ହୋଇ ରହିଥିବା ଦେଖିବାକୁ ମିଳିଛି। ଖବରପାଇ ପୋଲିସ ସେଠାରେ ପହଞ୍ଚି ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରିଥିଲା। ଏହାପରେ ଉକ୍ତ ରାସ୍ତାରେ ୪ ଚକିଆ ଓ ୨ଚକିଆ ଯାନ ଚଳାଚଳ ସ୍ୱାଭାବିକ ହୋଇଥିଲା।



ଟ୍ରକ ଅଟକିବା ଯୋଗୁ ମଝିଘରିଆଣି ମନ୍ଦିର ନିକଟସ୍ଥ ପୋଲ ପାଖରେ ରାସ୍ତା ଜାମ୍ ହୋଇଛି।

ପ୍ରକାଶ ଯେ, ଟ୍ରକଟି ବିଶାଖାପାଟଣାରୁ ଚୂନପଥର ନେଇ ଆସିବାବେଳେ ଏହାର କାଟା ପ୍ଲେଟ ଭାଙ୍ଗିଯିବାରୁ ଗାଡ଼ି ଆଉ ଆଗକୁ ଘୁଞ୍ଚି ନ ଥିଲା। ମେକାନିକ୍ ଡାକି ରାସ୍ତା ଉପରେ ହିଁ ଗାଡ଼ି ମରାମତି ଆରମ୍ଭ ହୋଇଥିଲା। ରାତି ପ୍ରାୟ ୧.୩୦ ମିନିଟ ସମୟରୁ ଗାଡ଼ି ସେଠାରେ ଖରାପ ହୋଇ ଅଟକି ରହିଥିଲା। ବିଶାଖାପାଟଣା ରାସ୍ତାରେ ପିତାମହଲରୁ ଆରମ୍ଭ କରି ରାୟଗଡ଼ା ସହରର ମେଡିକାଲ ଛକ ପର୍ଯ୍ୟନ୍ତ ଟ୍ରକଗୁଡ଼ିକ ଅଟକି ରହିଥିଲା। ଟ୍ରକ ମରାମତି ପରେ ଶନିବାର ସକାଳ ପ୍ରାୟ ୧୦ଟା ସମୟରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଟ୍ରକଗୁଡ଼ିକ କ୍ଷମତାଠାରୁ ଅଧିକ ଲୋଡ୍ ନେଉଥିବା କାରଣରୁ ଏଭଳି ସମସ୍ୟା ଉପୁଜେ ବୋଲି ଜଣେ ଟ୍ରକ ଡ୍ରାଇଭର କହିଛନ୍ତି।

### ୬ ଫୁଟର ଅଜଗର ଉଦ୍ଧାର

ବାଲିମେଳା,୧୨।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସିସ୍ଥିତ ୯ନଂ. ୱାର୍ଡ ରାଣୀସାହିରେ ଥିବା ଜଣେ ବ୍ୟକ୍ତିଙ୍କ ଘରୁ ଶୁକ୍ରବାର ଏକ ଅଜଗର ଉଦ୍ଧାର ହୋଇଛି। ଅଜଗରଟି ସମ୍ପୃକ୍ତ ବ୍ୟକ୍ତିଙ୍କ ବାଡ଼ିରେ ପଶି ତାଙ୍କର ୨ଟି କୁକୁଡ଼ା ଗିଳିଦେବା ପରେ ଯାଇପାରୁ ନ ଥିଲା। ଏନେଇ ସାପଧରାଳି ରାଜେନ୍ଦ୍ର ଖରାଙ୍କୁ ଜଣାଇବାରୁ ସେ



ପହଞ୍ଚି ଅଜଗରକୁ ଧରିଥିଲେ। ପରେ ରାଜେନ୍ଦ୍ର ଚିତ୍ରକୋଣ୍ଡା ଛକ ନିକଟସ୍ଥ ଜଙ୍ଗଲରେ ଅଜଗରକୁ ଛାଡ଼ି ଦେଇଥିଲେ।

### କାମରେ ଲାଗୁନି ପୌର ପରିଷଦର ସିମେଣ୍ଟ ଚେୟାର

ସୁନାବେଡ଼ା ୧୨।୮ (କୃତ୍ତିବାସ ପ୍ରଧାନ)

ସରକାରୀ ଅର୍ଥକୁ ଅପଚୟ କରୁଛି ସୁନାବେଡ଼ା ପୌର ପରିଷଦ। ଜନସାଧାରଣଙ୍କୁ ସେବା ଯୋଗାଇବା ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ହେଉଛି। ପୌର ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କ ପାଇଁ ମୁଖ୍ୟ ରାସ୍ତାକଡ଼ରେ ଓ ହାଲ୍ ଟାଉନଶିପ୍‌ର ଅନେକ ସ୍ଥାନରେ ବସିବା ପାଇଁ ସିମେଣ୍ଟ ତିଆରି ଚେୟାର ପକାଯାଇଥିଲା। କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଗୁଡାଏ ଚେୟାର ନଷ୍ଟହେବାକୁ ବସିଲାଣି। କେଉଁଠି ଚେୟାର୍ ଉପରେ ଲୋକେ କାଠ ରଖୁଥିବାବେଳେ କେତେକ ଚେୟାର ପଛପଟକୁ ଢଳିଯାଇଥିବା ଦେଖିବାକୁମିଳିଛି। ତା' ଛଡ଼ା ଉପଯୁକ୍ତ ସ୍ଥାନରେ ପଡ଼ି ନ ଥିବା ହେତୁ ସେଗୁଡିକ ଲୋକଙ୍କ କାମରେ ଆସୁ ନ ଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏଗୁଡିକ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ମଧ୍ୟ ହୋଇଛି। ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ ପ୍ରକୃତ ମୂଲ୍ୟ ଠାରୁ ଢେର୍ ଅଧିକ ବିଲ୍ ହୋଇଛି, ଯାହା ତଦନ୍ତ ସାପେକ୍ଷ। କିଛିଦିନ ତଳେ ଧରିତ୍ରୀରେ ଏନେଇ ଖବର ପ୍ରକାଶ ପାଇବା ପରେ ଆଲୋଚନାର



ବିଷୟ ହୋଇଥିଲା। ଏନେଇ ପୌର ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ଅଧିକ ବିଲ୍ କଥା ମିଥ୍ୟା, ଠିକ୍ ଟେଣ୍ଡର ହୋଇ ଆସୁଛି। ବେଞ୍ଚଗୁଡିକର ସ୍ଥାନ ନିରୂପଣ ୱାର୍ଡ କାଉନସିଲର୍ କରିଥାନ୍ତି। ଯଦି କିଛି ସମସ୍ୟା ରହିଛି ତେବେ ଆସନ୍ତା ବୈଠକରେ ଏନେଇ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# କୃଷି ଉତ୍ପାଦନ ବୃଦ୍ଧିରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗକୁ ଗୁରୁତ୍ୱ



ବୈଠକରେ ମଞ୍ଚାସୀନ ଅତିଥିମାନେ।

ଗୁଣପୁର, ୧୨।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ଅଧୀନ କୃଷି ମହାବିଦ୍ୟାଳୟର ଷଷ୍ଠ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। କୃଷି ମହାବିଦ୍ୟାଳୟ ଡିନ ପ୍ରଫେସର ସନ୍ତୋଷ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କୃଷି ବିକାଶ କ୍ଷେତ୍ରରେ ନିଜକୁ ନିୟୋଜନ କରି ଏକ ସଫଳ ଉଦ୍ୟୋଗୀ କୃଷକଭାବେ ପରିଗଣିତ ହେବାକୁ ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡା ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉଚ୍ଚ ସ୍ୱପ୍ନ ଦେଖି ତାହାକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିବାକୁ ସେ କହିଥିଲେ। ସ୍ଥାନୀୟ ଅଞ୍ଚଳର କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ବିଭିନ୍ନ ବୈଷୟିକ ଜ୍ଞାନକୌଶଳର ସଫଳ ପ୍ରୟୋଗ ଉପରେ କୁଳପତି ଡ. ଏ. ଭି.ଏନ୍.ଏଲ. ଶର୍ମା ଗୁରୁତ୍ୱ ଦେଇଥିଲେ। କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ବ୍ୟବହାର ସ୍ୱାବଲମ୍ବୀ ହେବାକୁ ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା କହିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ବିଗତ ବର୍ଷର ସଫଳତା ଓ ବର୍ତ୍ତମାନ କୃଷି ଶିକ୍ଷାର ବିକାଶ ତଥା ଭବିଷ୍ୟତ ପରିକଳ୍ପନା

### ଜିଆଇଇଟି ବିଶ୍ୱବିଦ୍ୟାଳୟ ଅଧୀନ କୃଷି ମହାବିଦ୍ୟାଳୟର ଷଷ୍ଠ ପ୍ରତିଷ୍ଠା ଦିବସ

ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ଅଧ୍ୟାପକ ଚିନ୍ତାମଣି ପଣ୍ଡା, ନିର୍ମଳା ପଟେଲ, ସ୍ମୃତିଶ୍ରୀ ସାହୁ, ରିନି ସ୍ୱାଇଁ, କ୍ଷୀରୋଦ ଚନ୍ଦ୍ର ସାହୁ, ଅନମୋଲ ପଣ୍ଡା, ଦୀପକ କୁମାର ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ରାଜେଶ୍ୱରୀ ଦାସ ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ଏନ୍.ଭି.ଜେ. ରାଓ, ଡ. କୈଳାସ ବିହାରୀ ମହାପାତ୍ର, ଡ ହରପ୍ରସାଦ ମିଶ୍ର, ଡ. ମନୋରଞ୍ଜନ ମହାପାତ୍ର, ଗାନ୍ଧୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ। ଆସିଷ୍ଟାଣ୍ଟ ଡିନ୍ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଗିଂ ଦଣ୍ଡନୀୟ ଅପରାଧ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

ଗୁଣପୁର, ୧୨।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁରସ୍ଥିତ ଗାୟତ୍ରୀ ଫାର୍ମାସୀ ମହାବିଦ୍ୟାଳୟରେ ଆଣ୍ଟି ର୍‍ୟାଗିଂ ସପ୍ତାହ ପାଳିତ ହୋଇଛି । ପ୍ରଶାସନିକ ଅଧିକାରୀ ପି.ଭି କୋଟେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ.ପ୍ରକାଶ ଚନ୍ଦ୍ର ସେନାପତି, ଉପାଧ୍ୟକ୍ଷ ଡା.କାହ୍ନୁଚରଣ ପାଣିଗ୍ରାହୀ,ପ୍ରଫେସର ଜଗଦିଶ ଖୁଣ୍ଟିଆ ପ୍ରମୁଖ ଅତିଥି ରୂପେ ଯୋଗଦେଇ ର୍‍ୟାଗିଂ କରିବା ଏକ ଦଣ୍ଡନୀୟ ଅପରାଧ। ଏହାଠାରୁ ଛାତ୍ରୀଛାତ୍ରମାନେ ଦୂରେଇ ରହିବା ଉଚିତ। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ର୍‍ୟାଗିଂ କରିବା ଏକ ଅପରାଧ ବୋଲି ବିବେଚନା କରି ଏଥିପାଇଁ ଦଣ୍ଡବିଧାନ କରିଛନ୍ତି। ୟୁଜିସି ମଧ୍ୟ ଏକ ନୋଟିସ୍ ମାଧ୍ୟମରେ କୌଣସି ଛାତ୍ରୀଛାତ୍ର ଯଦି ର୍‍ୟାଗିଂର ଶିକାର ହୁଅନ୍ତି

### କଲେଜରେ ଆଣ୍ଟିରାଗିଂ ସପ୍ତାହ ପାଳିତ

ତେବେ ସେମାନେ ଆଣ୍ଟି ର୍‍ୟାଗିଂ ହେଲ୍ପ ଲାଇନ ନମ୍ବର ୧୮୦୦୧୮୦୫୫୨୨କୁ କଲ୍ କରି ଅଭିଯୋଗ କରିବାକୁ କୁହାଯାଇଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଆବଶ୍ୟକ ସ୍ଥଳେ ର୍‍ୟାଗିଂ କରିଥିବା ଛାତ୍ରୀ କିମ୍ବା ଛାତ୍ର ଏବଂ ର୍‍ୟାଗିଂର ଶିକାର ହୋଇଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ଉପସ୍ଥିତିରେ ଅନୁଷ୍ଠାନ କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇପାରିବେ ବୋଲି ସେମାନେ ପ୍ରକାଶ କରି ଛାତ୍ରୀଛାତ୍ରମାନେ ର୍‍ୟାଗିଂଠାରୁ ଦୂରେଇ ରହି ନିଜକୁ ଭଲମଣିଷ ହୋଇ ଗଢିତୋଳିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଲୋହା ବାଉରୀ, ରାଜୀବ ପଣ୍ଡା, ଦେବେନ୍ଦ୍ର ମିଶାଲ ପ୍ରମୁଖ ପରିଚାଳନା କରିଥିଲେ।

# ମୈତ୍ରୀ କମ୍ପାନୀ ଅଧିକାରୀଙ୍କ ଖଣି ଅଞ୍ଚଳ ଗସ୍ତକୁ ପୁଣି ବିରୋଧ





ଅଞ୍ଚଳବାସୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ଚାଲିଛି। କମ୍ପାନୀ କର୍ତ୍ତୃପକ୍ଷ ଖଣି ଅଞ୍ଚଳକୁ ନ ଯିବା ପାଇଁ ଲିଖିତଭାବେ ଦେଇଥିବା କାଗଜ।

ରାୟଗଡ଼ା,୧୨।୮ (ଆଶିଷ ରଞ୍ଜନ ପଣ୍ଡା)

ମୈତ୍ରୀ କମ୍ପାନୀ ଅଧିକାରୀମାନେ ଶନିବାର ସକାଳେ ସିଜିମାଳି ଖଣି ଅଞ୍ଚଳକୁ ଯାଇଥିଲେ। ଅଞ୍ଚଳବାସୀ ସେଠାରେ ପହଞ୍ଚି ମୈତ୍ରୀ ଗୋ ବ୍ୟାକ୍ ନାରା ଦେବା ସହ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସେଠାରୁ ଫେରାଇ ଦେଇଥିଲେ। ପୂର୍ବରୁ ଅଞ୍ଚଳବାସୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ବେଳେ ଶାଗବାରି ଗ୍ରାମର ପରମାନନ୍ଦ ନାଏକଙ୍କୁ ପୋଲିସ ମିଛ କେସ୍‌ରେ ଗିରଫ କରିନେଇଛି। ତାଙ୍କୁ ମୁକ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ। ଖଣି ଖନନ ପାଇଁ ମୈତ୍ରୀକୁ ବିରୋଧ କରିବାରୁ ପ୍ରାୟ ୧୦ଜଣଙ୍କ ନାମରେ ପୋଲିସ ମିଥ୍ୟା ମାମଲା ରୁଜୁ କରିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଘେରିଥିଲେ। ପରମାନନ୍ଦଙ୍କ ସମେତ

### ଅଞ୍ଚଳବାସୀ ବିରୋଧ କରୁଥିବାରୁ ସେମାନଙ୍କ ନାମରେ ମିଛ ମାମଲା ଦିଆଯାଉଥିବା ଅଭିଯୋଗ

ଥାନାରେ ଅନ୍ୟମାନଙ୍କ ନାମରେ ଥିବା ମିଥ୍ୟା ମାମଲାକୁ ଖାରଜ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏପରି ନ କଲେ ଆଗାମୀ ଦିନରେ କମ୍ପାନୀ ସହ କୌଣସି ଆଲୋଚନା କରିବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଖଣି ଅଞ୍ଚଳକୁ ପ୍ରବେଶ କରିବେ ନାହିଁ। ଅଞ୍ଚଳବାସୀ ଯେବେ ଡାକିବେ ସେହିଦିନ ଯାଇ ସେମାନଙ୍କ ସହ ଆଲୋଚନା କରିବେ। ଆଲୋଚନା ଶେଷ ନ ହେବା ପର୍ଯ୍ୟନ୍ତ ସେମାନେ ସେଠାକୁ ଯିବେ ନାହିଁ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଏକ ଧଳା କାଗଜରେ ଅଞ୍ଚଳବାସୀଙ୍କୁ ଲିଖିତଭାବେ ଦେଇଛନ୍ତି। ପ୍ରଶାସନିକ ଅଧିକାରୀ ଓ ପୋଲିସ ଫୋର୍ସ ସେଠାକୁ ଯାଇଥିବା ଜଣାପଡ଼ିଛି। ପ୍ରଶାସନ, ପୋଲିସ ଜନସାଧାରଣଙ୍କ ଅପେକ୍ଷା କମ୍ପାନୀ କର୍ତ୍ତୃପକ୍ଷଙ୍କ ସୁରକ୍ଷା ପ୍ରତି ବେଶି ଧ୍ୟାନ ଦେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମୈତ୍ରୀ କମ୍ପାନୀ ଖଣି ଅଞ୍ଚଳକୁ ଯାଇଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷାକରିବା ପାଇଁ ଫୋର୍ସ ସେଠାକୁ ଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ମୈତ୍ରୀ କମ୍ପାନୀ କେଉଁ ଆଧାରରେ ଖଣି ଅଞ୍ଚଳକୁ ଆସୁଛନ୍ତି ସେ ନେଇ କୌଣସି ସରକାରୀ ଦସ୍ତାବିଜ ଦେଖାଉନାହାନ୍ତି। ତଥାପି ପ୍ରଶାସନ ଓ ପୋଲିସ କେଉଁ ଆଧାରରେ ମୈତ୍ରୀକୁ ସହଯୋଗ କରୁଛନ୍ତି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।

# ବ୍ଲକ, ପୌରାଞ୍ଚଳ, ଏନ୍‌ଏସି ସଭାପତି ଘୋଷଣା କଲା କଂଗ୍ରେସ

ରାୟଗଡ଼ା,୧୨।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ୧୧ଟି ବ୍ଲକ,୨ ପୌର ପରିଷଦ ଓ ଗୋଟିଏ ଏନଏସି ପାଇଁ କଂଗ୍ରେସ ପକ୍ଷରୁ ସଭାପତି ଘୋଷଣା ହୋଇଛି । ଏନେଇ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଘୋଷଣା କରାଯାଇଛି । ରାୟଗଡ଼ା ବ୍ଲକରେ ଗାଦିଗା ବାଛେଲି, କାଶୀପୁର ବ୍ଲକରେ ଅଙ୍ଗଦ ନାଏକ, ବିଷମକଟକ ବ୍ଲକରେ କ୍ରିଷ୍ଟା ନାନକା, ମୁନିଗୁଡ଼ା ବ୍ଲକରେ ନୀଳାମ୍ବର ବିଭାର, କୋଲନରା ବ୍ଲକରେ ଆଇ.ଗୋବର୍ଦ୍ଧନ ରାଓ, କଲ୍ୟାଣସିଂହପୁର ବ୍ଲକରେ ସିଏଚ.ନାଗେଶ୍ୱର ରାଓ, ଗୁଣପୁର ବ୍ଲକରେ ଲିଭିଂଷ୍ଟୋନ ଲିମା, ରାମନାଗୁଡ଼ା ବ୍ଲକରେ ବାଞ୍ଛାନିଧି ବେହେରା, ପଦ୍ମପୁର ବ୍ଲକରେ ସାହେବ ଶବର, ଚନ୍ଦ୍ରପୁର ବ୍ଲକରେ ଜର୍ଜ କ୍ରେସ୍କା ଏବଂ ଗୁଡ଼ାରି ବ୍ଲକରେ ଭାସ୍କର ଜାଗାରଙ୍ଗାଙ୍କୁ ଦଳ ବ୍ଲକ କଂଗ୍ରେସ ସଭାପତି ଭାବେ ଚୟନ କରିଛି । ସେହିଭଳି ରାୟଗଡ଼ା ପୌରାଞ୍ଚଳ ସଭାପତି ଭାବେ ମନୋଜ ରଥ, ଗୁଣପୁର ପୌରାଞ୍ଚଳ ସଭାପତି ଭାବେ ଘାସିରାମ ବାଉରି ଏବଂ ଗୁଡ଼ାରି ଏନଏସି ସଭାପତି ଭାବେ ପ୍ରମୋଦ ପତି ଚୟନ ହୋଇଛନ୍ତି।

# ୫ ଟ୍ରାକ୍ଟରରୁ ୪୬ ହଜାର ଜରିମାନା ଆଦାୟ

ରାୟଗଡ଼ା,୧୨।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ତହସିଲ ପକ୍ଷରୁ ବାଲିଘାଟରେ ଚଢ଼ାଉ ହୋଇ ବେଆଇନ ବାଲି ଚାଲାଣକାରୀଙ୍କୁ ଜରିମାନା କରାଯାଇଛି। ୩ଟି ଖାଲି ଟ୍ରାକ୍ଟରକୁ ୧୨ ହଜାର ଲେଖାଏ ଓ ୨ଟି ବାଲି ବୋଝେଇ ଟ୍ରାକ୍ଟରକୁ ୧୫ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି।

ଶନିବାର ସକାଳୁ ଅତିରିକ୍ତ ତହସିଲଦାର ପର୍ଶୁରାମ ଭତ୍ରା ରାୟଗଡ଼ା ତହସିଲ ଅଧୀନ ପିତାମହଲ ରାଜସ୍ୱ ସର୍କିଲ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ପିତାମହଲ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମ ନିକଟସ୍ଥ ନାଗାବଳୀ ନଦୀରୁ ବେଆଇନ ଭାବେ ୨ ଟ୍ରାକ୍ଟରରେ



ଜବତ ବାଲି ବୋଝେଇ ୨ ଟ୍ରାକ୍ଟର।

### ବାଲି ଚାଲାଣବେଳେ ଧରାପଡ଼ିଲା ୩ ଖାଲି, ୨ ଲୋଡ୍ ଟ୍ରାକ୍ଟର

ବାଲି ଲୋଡ୍ ରହିଥିବା ବେଳେ ୩ଟି ଟ୍ରାକ୍ଟର ବାଲି ପାଇଁ ଅପେକ୍ଷା କରିଥିବା ଦେଖିଥିଲେ। ବାଲି ଲୋଡ୍ ହୋଇଥିବା ଗାଡ଼ି ୨ଟିକୁ ଜବତ କରି ପିତାମହଲ ଆରଆଇ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଉକ୍ତ ଗାଡ଼ିଗୁଡ଼ିକରୁ ଜରିମାନା ଆଦାୟ କରାଯାଇଛି ବୋଲି ଅତିରିକ୍ତ ତହସିଲଦାର ପର୍ଶୁରାମ ଭତ୍ରା କହିଛନ୍ତି। ତେବେ ଜଗନ୍ନାଥପୁର ନିକଟସ୍ଥ ନଦୀ ବାଲିଘାଟ କାହାରିକୁ ଲିଜ୍ ଦିଆଯାଇନଥିବା ବେଳେ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଛି। ବିଭାଗ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହୋଇଛି।

# ଉଚ୍ଚଶିକ୍ଷା ନେଇ ମଉଳିଯାଉଛି ଯମୁନାଙ୍କ ସ୍ୱପ୍ନ

ଟିକିରି, ୧୨।୮ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ବଦଲିଝରଣ ଗ୍ରାମର ଯମୁନା ନାଏକ। ଅର୍ଥ ବାଧକ ଯୋଗୁ ତାଙ୍କ ଉଚ୍ଚଶିକ୍ଷାରେ ଡୋରି ବନ୍ଧା ହେବାକୁ ଯାଉଛି। କୋରାପୁଟ ଜିଲା ଦଶମନ୍ତପୁର କଲେଜରେ ଯୁକ୍ତ ୨ ଶେଷ କରିଥିବା ଯମୁନାଙ୍କ ବାପା ଭାଇଙ୍କ ମୃତ୍ୟୁ ହୋଇଯାଇଛି। ମା' ପରଘରେ କାମ କରି ଓ ମଜୁରି ଲାଗି ପରିବାର ଚଳାଉଛନ୍ତି। ଭଉଁ ଟଙ୍କାରେ ଝିଅମାନଙ୍କୁ ପାଠ ପଢାଇଛନ୍ତି ସେ। ପରିସ୍ଥିତି ଏପରି ହୋଇଛି ଯମୁନାଙ୍କ ଜଣେ ବିବାହିତ ଭଉଣୀ ଆସି ଘରେ ଅଛନ୍ତି। ମା'ଙ୍କୁ ସହାୟତା କରିବାକୁ ଯମୁନା ରାୟଗଡା ଯାଇ ସେଠାରେ ଜଣେ ଠିକାଦାରଙ୍କ



ଯମୁନା ଜମିରେ କାମ କରୁଛନ୍ତି ।

ପାଖରେ କୁଲି କାମ କରି ମାଙ୍କୁ ଅର୍ଥିକ ସାହାଯ୍ୟ କରୁଥିଲେ। ଏବେ ବର୍ଷା ଦିନେ କୁଲି କାମ ଠିକ୍ ରୂପେ ମିଳୁ ନ ଥିବାରୁ ସେ ଗାଁକୁ ଚାଲିଆସି ଗ୍ରାମର ବିଭିନ୍ନ ଲୋକଙ୍କ ଜମିରେ କାମ କରି ନିଜ ପରିବାରକୁ ସହାୟତା କରୁଛନ୍ତି ଯମୁନା। ଏପରି ସ୍ଥଳେ ତାଙ୍କର ଯୁକ୍ତ ୩ ପଢିବାକୁ ବହୁତ ଇଚ୍ଛା ଥିଲେ ମଧ୍ୟ ଏଥିପାଇଁ

### ପାଠ ପଢାରେ ଅର୍ଥ ସାଜିଛି ବାଧକ

ଆବଶ୍ୟକ ଅର୍ଥ ନାହିଁ ତାଙ୍କ ପରିବାର ପାଖରେ। ଫଳରେ ଉଚ୍ଚଶିକ୍ଷା ନେଇ ତାଙ୍କ ସ୍ୱପ୍ନ ମଉଳିବାରେ ଲାଗିଛି। ଯଦି ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପଢିବା ପାଇଁ ସହାୟତା କଲେ ବେଶ୍ ଉପକୃତ ହୁଅନ୍ତେ ବୋଲି କହିଛନ୍ତି ଯମୁନା। ଏ ସମ୍ପର୍କରେ ଗ୍ରାମବାସୀ କହନ୍ତି, ଯମୁନାଙ୍କ ପରିବାର ଖୁବ୍ ଗରିବ। ଦିନେ ଖାଇଲେ ଦିନେ ଭୋକରେ ରୁହନ୍ତି। ପ୍ରଶାସନ ଯଦି ସହଯୋଗ କରନ୍ତା ତେବେ ତାଙ୍କ ସାନଝିଅ ଯମୁନା ଅଧିକ ପଢିବାର ସୁଯୋଗ ପାଆନ୍ତା ବୋଲି କହିଛନ୍ତି କେତେ ଜଣ ଗ୍ରାମବାସୀ।

**ବିଦେଶୀ ମଦ ଜବତ, ଜଣେ ଗିରଫ**

ବାଲିମେଳା,(ଶିବଦତ୍ତ ସାହୁ)-ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଚୋରାରେ ଦେଶୀ ଓ ବିଦେଶୀ ମଦ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି। ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏଏସ୍ଆଇ ବିଭୂତି ଭୂଷଣ ସୂତାରଙ୍କ ନେତୃତ୍ୱରେ ଏକ ଟିମ୍ ବାଲିମେଳା ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏମ୍‌ଭି -୭୯ ଅଞ୍ଚଳର ଶୁକଦେବ ଖିଲ ବ୍ୟାଗ୍‌ରେ କିଛି ଜିନିଷ ଧରି ଯାଉଥିବା ଦେଖିବାକୁ ପାଇଥିଲେ। ସନ୍ଦେହରେ ତାଙ୍କୁ ଅଟକାଇ ପୋଲିସ ବ୍ୟାଗ୍ ଯାଞ୍ଚ କରିଥିଲା। ବ୍ୟାଗ୍‌ରୁ ୧୧.୮୦୦ଲିଟର ବିଭିନ୍ନ ପ୍ରକାର ବିଦେଶୀ ମଦ ମିଳିଥିଲା। ଏନେଇ ଓର୍କେଲ ଥାନାରେ ନଂ.୨୫୫/୨୩ ରେ ମାମଲା ରୁଜୁ କରାଯାଇ ଶୁକଦେବଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।



## ସଂକ୍ଷେପରେ

### ୬ ଫୁଟର ଅଜଗର ଉଦ୍ଧାର



**ବାଲିମେଳା,୧୨।୮(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା ବାଲିମେଳା ଏନ୍ଏସିସ୍ଥିତ ୯ନଂ. ୱାର୍ଡ ରାଣୀସାହିରେ ଥିବା ଜଣେ ବ୍ୟକ୍ତିଙ୍କ ଘରୁ ଶୁକ୍ରବାର ଏକ ଅଜଗର ଉଦ୍ଧାର ହୋଇଛି। ଅଜଗରଟି ସମ୍ପୃକ୍ତ ବ୍ୟକ୍ତିଙ୍କ ବାଡ଼ିରେ ପଶି ତାଙ୍କର ୨ଟି କୁକୁଡ଼ା ଗିଳିଦେବା ପରେ ଯାଇପାରୁ ନ ଥିଲା। ଏନେଇ ସାପଧରାଳି ରାଜେନ୍ଦ୍ର ଖରାଙ୍କୁ ଜଣାଇବାରୁ ସେ ପହଞ୍ଚି ଅଜଗରକୁ ଧରିଥିଲେ। ପରେ ରାଜେନ୍ଦ୍ର ଚିତ୍ରକୋଣ୍ଡା ଛକ ନିକଟସ୍ଥ ଜଙ୍ଗଲରେ ଅଜଗରକୁ ଛାଡ଼ି ଦେଇଥିଲେ।

### କାମରେ ଲାଗୁନି ପୌର ପରିଷଦର ସିମେଣ୍ଟ ଚେୟାର



**ସୁନାବେଡ଼ା ୧୨।୮(କୃତ୍ତିବାସ ପ୍ରଧାନ)**

ସରକାରୀ ଅର୍ଥକୁ ଅପଚୟ କରୁଛି ସୁନାବେଡ଼ା ପୌର ପରିଷଦ। ଜନସାଧାରଣଙ୍କୁ ସେବା ଯୋଗାଇବା ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ହେଉଛି। ପୌର ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କ ପାଇଁ ମୁଖ୍ୟ ରାସ୍ତାକଡ଼ରେ ଓ ହାଲ୍ ଟାଉନଶିପ୍‌ର ଅନେକ ସ୍ଥାନରେ ବସିବା ପାଇଁ ସିମେଣ୍ଟ ତିଆରି ଚେୟାର ପକାଯାଇଥିଲା। କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଗୁଡାଏ ଚେୟାର ନଷ୍ଟହେବାକୁ ବସିଲାଣି। କେଉଁଠି ଚେୟାର୍ ଉପରେ ଲୋକେ କାଠ ରଖୁଥିବାବେଳେ କେତେକ ଚେୟାର ପଛପଟକୁ ଢଳିଯାଇଥିବା ଦେଖିବାକୁ ମିଳିଛି। ତା' ଛଡ଼ା ଉପଯୁକ୍ତ ସ୍ଥାନରେ ପଡ଼ି ନ ଥିବା ହେତୁ ସେଗୁଡିକ ଲୋକଙ୍କ କାମରେ ଆସୁ ନ ଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏଗୁଡିକ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ମଧ୍ୟ ହୋଇଛି। ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ ପ୍ରକୃତ ମୂଲ୍ୟ ଠାରୁ ଢେର୍ ଅଧିକ ବିଲ୍ ହୋଇଛି, ଯାହା ତଦନ୍ତ ସାପେକ୍ଷ। କିଛିଦିନ ତଳେ ଧରିତ୍ରୀରେ ଏନେଇ ଖବର ପ୍ରକାଶ ପାଇବା ପରେ ଆଲୋଚନାର ବିଷୟ ହୋଇଥିଲା। ଏନେଇ ପୌର ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ଅଧିକ ବିଲ୍ କଥା ମିଥ୍ୟା, ଠିକ୍ ଟେଣ୍ଡର ହୋଇ ଆସୁଛି। ବେଞ୍ଚଗୁଡିକର ସ୍ଥାନ ନିରୂପଣ ୱାର୍ଡ କାଉନସିଲର୍ କରିଥାନ୍ତି। ଯଦି କିଛି ସମସ୍ୟା ରହିଛି ତେବେ ଆସନ୍ତା ବୈଠକରେ ଏନେଇ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ

**ନନ୍ଦପୁର, ୧୨।୮(ଶଙ୍କର ପୂଜାରୀ)**

ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟରେ କ୍ରାନ୍ତି ଦିବସରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ପାଳନ କରାଯାଇଛି। ଅଧ୍ୟକ୍ଷ ଅମର ମହାପାତ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ଦେଶର ସ୍ୱାଧୀନତା ପାଇଁ ସାମିଲ ସଂଗ୍ରାମୀଙ୍କ ବଳିଦାନର ସ୍ମୃତିଚାରଣ କରିଥିଲେ। ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠୀ, ଏମ୍. ଜୟା, ସୁରଭି ପାଣିଗ୍ରାହୀ, ଅର୍ଚ୍ଚନା ପାଢ଼ୀ , ଭଗବାନ ଖରା ଓ କେଦାର ସାହୁକାର ଉପସ୍ଥିତ ଥିଲେ।

# ୩୫୨ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ

**ଖଇରପୁଟ,୧୨।୮(ସୁଜିତ ପଟ୍ଟନାୟକ)**



ଏମ୍‌ପି ରମେଶ ମାଝି ଓ ଅନ୍ୟମାନେ ପଟ୍ଟା ବଣ୍ଟନ କରୁଛନ୍ତି ।

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ପଞ୍ଚାୟତ କାର୍ଯ୍ୟାଳୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଶନିବାର ଜଙ୍ଗଲ ଜମି ଓ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି। ୩୫୨ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ କାଉନସିଲର ଉପଦେଷ୍ଟା ପ୍ରଦୀପ ମାଝି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଏସ୍‌ଡିସି ଅଧ୍ୟକ୍ଷ ଆଡମା ରାବା, ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିମ୍ବ କିର୍ସାନୀ, ବରିଷ୍ଠ ପର୍ଯ୍ୟବେକ୍ଷକ ସାମୁଏଲ ନାୟକ, ଖଇରପୁଟ ଜୋନ୍ ଜିଲା ପରିଷଦ ସଭ୍ୟ ବଳି ମାଝି, ଲକ୍ଷ୍ମୀପ୍ରିୟା ନାୟକ, ହିରଣ୍ୟ ମୁଦୁଲି, ଏମ୍‌ପି ପ୍ରତିନିଧି ଜଗନ୍ନାଥ ମାଝି, ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ ଓ ଲ୍ୟାମ୍ପସ୍ ସଭାପତି ଗୋପୀ ପାଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ସରକାରୀ କାର୍ଯ୍ୟକ୍ରମରେ ଆବାହକ କୁଡୁମୁଲୁଗୁମ୍ମା ତହସିଲଦାର ଅଶୋକ କୁମାର ମୁଦୁଲି ବୈଠକରେ ସଭାପତିତ୍ୱ କରିଥିବା ବେଳେ ଭଗବାନ ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ମାଝି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଣିତ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ

**ଜଙ୍ଗଲ ଜମି, ଘରଡିହ ପଟ୍ଟା ବଣ୍ଟନ**

ପାହାଡ଼ ଅଞ୍ଚଳରେ ବାସ କରୁଥିବା ସମସ୍ତ ଆଦିବାସୀ ଜନଜାତିଙ୍କୁ ସେମାନଙ୍କ ବାସସ୍ଥାନ ଓ ଜମି ଜମାର ପ୍ରମାଣପତ୍ର କେମିତି ସୁବିଧାରେ ମିଳିପାରିବ ସେ ବିଷୟରେ କହିଥିଲେ। ସେହିପରି ବିଧାୟକ ବାକା ସରକାରଙ୍କ ଏହି ଅଭିନବ ପଦକ୍ଷେପ ଫଳରେ ବହୁ ଗରିବ ଆଦିବାସୀ ଲାଭ ପାଇପାରିବେ । ପୂର୍ବରୁ ଜଙ୍ଗଲ ଓ ଘାଟି ଅଞ୍ଚଳରେ ବାସ କରୁଥିବା ଆଦିବାସୀଙ୍କ ନାମରେ ଜମିଜମାର କୌଣସି ସରକାରୀ ପ୍ରମାଣପତ୍ର ନ ଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ବଳରେ ବହୁ ଆଦିବାସୀ ଏହି ଯୋଜନାରେ ଉପକୃତ ହେଉଛନ୍ତି।

# ଗାଁରେ ପହଞ୍ଚିଲା ପ୍ରଶାନ୍ତଙ୍କ ମୃତଦେହ

**ମାଲକାନଗିରି,୧୨।୮(ଦୁର୍ଯ୍ୟୋଧନ ପାତ୍ର)**

- ଜିଲାରେ ମିଳିଲାନି ଶ୍ରମ ପରିଚୟପତ୍ର
- ଦାଦନ ଖଟିବାକୁ ଯାଇ ଜୀବନ ଗଲା

ନିଜ ଜିଲାରେ ମିଳିଲାନି ଶ୍ରମିକଙ୍କୁ ଶ୍ରମ ପରିଚୟପତ୍ର। ଫଳରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଜୀବନ ହରାଇବା ପରି ଘଟଣା ମାଲକାନଗିରି ଜିଲାରେ ଦେଖିବାକୁ ମିଳିଛି। ଏପରି ଦେଖିବାକୁ ମିଳିଛି ଜିଲା ଶ୍ରମ କାର୍ଯ୍ୟାଳୟ ନିକଟରେ ରହୁଥିବା ପ୍ରଶାନ୍ତ ଖରାଙ୍କ କ୍ଷେତ୍ରରେ। ଶନିବାର ତାଙ୍କ ମୃତଦେହ କମ୍ପାନୀ କର୍ତ୍ତୃପକ୍ଷ ଏକ ଗାଡିରେ ଘରକୁ ପଠାଇବା ସହ ସ୍ୱଳ୍ପ ପରିମାଣର ଆର୍ଥିକ ସହାୟତା ଦେଇଛନ୍ତି। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କର ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

ପ୍ରକାଶ ଯେ, ୧୧୯ କଲୋନିରେ ଦୀର୍ଘ ବର୍ଷ ଧରି ରହୁଥିଲେ ପ୍ରଶାନ୍ତଙ୍କ ପରିବାର। ପ୍ରଶାନ୍ତଙ୍କ ବାପା ଏକ ଚା'ଦୋକାନରେ କାମ କରୁଥିଲେ। ସେତିକି ଆୟରେ ପରିବାର ଚଳିପାରୁ ନ ଥିଲା। ଏଥିପାଇଁ ପ୍ରଶାନ୍ତ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିଲେ। ତାଙ୍କ ପାଖରେ ଶ୍ରମିକ ପରିଚୟପତ୍ର ନ ଥିବାରୁ କୌଣସି ସରକାରୀ କାର୍ଯ୍ୟ କିମ୍ବା ଠିକାଦାରମାନେ କାମ ଦେବାକୁ ମନା କରୁଥିଲେ। ବାରମ୍ବାର ଜିଲା ଶ୍ରମ କାର୍ଯ୍ୟାଳୟକୁ ଯାଇ ଆବେଦନ କରିଥିଲେ ହେଁ ତାଙ୍କୁ ପରିଚୟ ପତ୍ର ମିଳିପାରି ନ ଥିଲା। ଗତ ୨ ବର୍ଷ ଧରି ଆନ୍ଧ୍ରପ୍ରଦେଶର ଏଣେ ତେଣେ କମ୍ ମଜୁରିରେ କାମ କରୁଥିଲେ। ଗୁରୁବାର ଠିକା କାର୍ଯ୍ୟ ଚାଲିଥିବା ସ୍ଥାନରେ ତାଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି।

# ଭଙ୍ଗା ପୋଲରେ ଅସ୍ଥାୟୀ ଯାତାୟାତ ସୁବିଧା କଲେ ସରପଞ୍ଚ

**ମାଲକାନଗିର,୧୨।୮(ଦୁର୍ଯ୍ୟୋଧନ ପାତ୍ର)**



ବଲା ଓ ତାଳପତ୍ରରେ ତିଆରି ହୋଇଥିବା ଅସ୍ଥାୟୀ ପୋଲ ।

ମାଲକାନଗିରି ଜିଲା କାଲିମେଳା ବ୍ଲକ ମାଲାଭରମ ପଞ୍ଚାୟତର ଅନନ୍ତପାଲ୍ଲୀ, କମାରଗୁଡା, ନିଲାକୋଟାକୁ ସଂଯୋଗ କରୁଥିବା ରାସ୍ତା ଉପରେ ଥିବା ପୋଲ ୧୦ ପୂର୍ବେ ହୋଇଥିବା ଲଗାଣବର୍ଷାରେ ଭାଙ୍ଗିଯାଇଥିଲା। ଫଳରେ ଏହି ଚାରିଟି ଗ୍ରାମବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ରାସ୍ତାରେ ଦୈନିକ ଏମ୍‌ଭି ୭୨, ମୋଟୁ ଓ କାଲିମେଳାକୁ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟ ସହ ଅନ୍ୟାନ୍ୟ ବ୍ୟବସାୟ ନିମନ୍ତେ ଦୈନିକ ଶହ ଶହ ଗ୍ରାମବାସୀ ଯାତାୟାତ କରୁଥିଲେ। ତେବେ ଜିଲା ପ୍ରଶାସନ ତରଫରୁ ପୋଲ ମରାମତି କିମ୍ବା ନିର୍ମାଣରେ ବିଳମ୍ବ ହେଉଥିବାରୁ ମାଲାଭରମ ସରପଞ୍ଚ ଦୁର୍ଗାଚରଣ ମାଢି ନିଜ ଖର୍ଚ୍ଚରେ ନିକଟସ୍ଥ ଜଙ୍ଗଲରୁ ଅଦରକାରୀ ବଲା ସଂଗ୍ରହକରି ଭାଙ୍ଗିଯାଇଥିବା ପୋଲ ଉପରେ ପକାଇ ତାହା ଉପରେ ତାଳପତ୍ର ବିଛାଇ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରିଛନ୍ତି। ଫଳରେ ଏହି ଚାରିଟି ଗ୍ରାମର ଲୋକଙ୍କ ଯାତାୟାତର ସୁବିଧା ପାଇପାରିଛି। ଏହା ଏକ ଅସ୍ଥାୟୀ ହୋଇଥିବାରୁ ଏହି ପୋଲ ଶୀଘ୍ର ନିର୍ମାଣ କରିବା ପାଇଁ ସରପଞ୍ଚଙ୍କ ସହ ଚାରଟି ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି।

### ୬୦ ପରିବାର ପ୍ରଶାସନର ଦ୍ୱାରସ୍ଥ

**ଜୟପୁର,୧୨।୮ (ପବନ ପାଣିଗ୍ରାହୀ)**

ଜୟପୁର ପୌରାଞ୍ଚଳ ଅଧୀନ ରୁଷିଆ ନଗରର ୬୦ ପରିବାର ଶୁକ୍ରବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ନିଜ ସମସ୍ୟା ସମ୍ପର୍କରେ ଉପଜିଲାପାଳ ପ୍ରଭାତ ପରିଡ଼ା ଅବଗତ କରି ଦାବିପତ୍ର ଦେଇଛନ୍ତି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି, ଆମେ ପୌରାଞ୍ଚଳ ରୁଷିଆ ନଗରର ୬୦ଟି ପରିବାର ଦୀର୍ଘ ୧୦/୧୨ ବର୍ଷ ହେଲା ଛୋଟ ଛୋଟ କୁଡ଼ିଆ କରି ବସବାସ କରି ଆସୁଛୁ। ଜଣେ ବ୍ୟକ୍ତି ଏବେ ଉକ୍ତ ଜାଗା ମୋର ବୋଲି ଦାବି କରୁଛନ୍ତି। ପୂର୍ବରୁ ଏଠାରେ କୁଡିଆଘର ନିର୍ମାଣ ସମୟରେ କୋଲାବ ନଦୀବନ୍ଧ କର୍ତ୍ତୃପକ୍ଷ ଏହା ସରକାରୀ ଜାଗା, ଏଠାରୁ ତୁମମାନଙ୍କୁ କେହି ଉଠାଇବେ ନାହିଁ ବୋଲି କହିଥିଲେ। ଏବେ ଅନ୍ୟ ଜଣେ ଏହି ଜାଗା ତାଙ୍କର ବୋଲି ଦାବି କରୁଥିବାରୁ ପ୍ରଶାସନ ପଦକ୍ଷେପ ନେବାକୁ ରୁଷିଆନଗରବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଭକ୍ତ ମାଳି, ସୁଶାନ୍ତ ବେହେରା, ଲକ୍ଷ୍ମଣ ବେହେରା, ଅରୁଣ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅଗଷ୍ଟ ୧୫, ଗୁଳିକାଣ୍ଡ ଦିବସ ପ୍ରସ୍ତୁତି ବୈଠକ




ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

**ମାଥିଲି,୧୨।୮(ସୁବାସ ଚନ୍ଦ୍ର ଖୁଡ଼ୁପିଆ )**

ମାଲକାନଗିରି ଜିଲା ମାଥିଲି ବ୍ଲକ ସଭା ଗୃହରେ ଅଧ୍ୟକ୍ଷ ମହେଶ କୁମାର ବାକାଙ୍କ ଅଧ୍ୟକ୍ଷତାରେ ଅଗଷ୍ଟ ୧୫ ଓ ଗୁଳିକାଣ୍ଡ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ଚଉଦ ତାରିଖ ଦିନ ସ୍ୱାଧୀନତାର ୭୫ ବର୍ଷ ପୂରଣ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧୧ ଶହ ମିଟର ଜାତୀୟ ପତାକା ନେଇ ମାଥିଲି ବ୍ଲକ କାର୍ଯ୍ୟାଳୟରୁ ଥାନା ପର୍ଯ୍ୟନ୍ତ ପଦଯାତ୍ରା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୧୪ ତାରିଖ ଦିନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ଆୟୋଜନ କରିବାକୁ ବୈଠକରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ ସହମତି ପ୍ରକାଶ କରିଥିଲେ। ଅଗଷ୍ଟ ୧୫ ଦିନ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ କିଏ କେଉଁ ସ୍ଥାନରେ ପତାକା ଉତ୍ତୋଳନ କରିବେ ନିଷ୍ପତ୍ତି ନିଆଯାଇଥିଲା। ଅଗଷ୍ଟ ୨୧ରେ ମାଥିଲି ଗୁଳିକାଣ୍ଡ ଦିବସ କାର୍ଯ୍ୟକ୍ରମ ସର୍ବ ଦଳୀୟ ଭାବେ କରିବା ପାଇଁ ସମସ୍ତେ ସହମତି ପ୍ରକାଶ କରିଥିଲେ। ପ୍ରସ୍ତୁତି ବୈଠକରେ ବିଡ଼ିଓ ହୃଷୀକେଶ ଗଣ୍ଡ, ମାଥିଲି ପୋଲିସ ଅଧିକାରୀ, ବିଭିନ୍ନ ପଞ୍ଚାୟତ ସରପଞ୍ଚ, ଜିଲା ପରିଷଦ ସଭ୍ୟା ସଭ୍ୟ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ଛାତ, କାନ୍ଥରୁ ଖସୁଛି ପଲସ୍ତରା

**କୋରୁକୋଣ୍ଡା,୧୨।୮(ଅବିନାଶ ବେହେରା)**

ରାଜ୍ୟରେ ବଦଳିବ ପ୍ରାଥମିକ ଶ୍ରେଣୀଗୃହ ପରିବେଶ। ଆଉ ତଳେ ବସି ପଢ଼ିବେନି ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ର। ଏଣିକି ପିଲାମାନେ ଦରିରେ ବସିବେ, ରଙ୍ଗିନ ଡେସ୍କରେ ଲେଖିବେ। ଆକର୍ଷଣୀୟ ଶ୍ରେଣୀଗୃହ ସହ ଅତ୍ୟାଧୁନିକ ଶୈକ୍ଷିକ ଉପକରଣ ଯୋଗାଇ ଦିଆଯିବ। ରାଜ୍ୟର ୧୬ ଜିଲାର ପ୍ରାଥମିକ ସ୍କୁଲର ପରିବେଶ ଅତ୍ୟାଧୁନିକ କରାଯିବ। ଏଥିପାଇଁ ୬ ହଜାରରୁ ଅଧିକ ପ୍ରାଥମିକ ସ୍କୁଲକୁ ସାମିଲ କରାଯାଇଛି। କିନ୍ତୁ କେତେକ ସ୍କୁଲ ଅଦ୍ୟାବଧି ଅବହେଳିତ ଅବସ୍ଥାରେ ରହିଛି ; ଯାହାର ମୌଳିକ ଭିତ୍ତିଭୂମି ମଧ୍ୟ ନାହିଁ। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଟେକଗୁଡ଼ା ପ୍ରାଥମିକ ବିଦ୍ୟାଳୟକୁ ଦେଖିଲେ ଜାଣି ହେବ କିପରି ଚାଲିଛି ଶିକ୍ଷା ବ୍ୟବସ୍ଥା। ପୋଟ୍ରେଲ ପଞ୍ଚାୟତ ଟେକଗୁଡା ଗ୍ରାମ କୋରୁକୋଣ୍ଡାଠାରୁ ବାଲିମେଳାକୁ ଯିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ବ୍ଲକ ସଦରଠାରୁ ମାତ୍ର ୧.୫କି.ମି. ଦୂରରେ ଥିଲେ ମଧ୍ୟ ଟେକଗୁଡାରେ ୨୦୦୫ରେ ଆରମ୍ଭ ହୋଇଥିବା ପ୍ରାଥମିକ ବିଦ୍ୟାଳୟଟିକୁ ଦୀର୍ଘ ଦିନ ଧରି କୌଣସି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡ଼ି ନ ଥିବା ଦୁର୍ଭାଗ୍ୟର ବିଷୟ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ମୋଟ ୪୭ ପିଲା ଅଧ୍ୟୟନ କରୁଛନ୍ତି । ଶ୍ରେଣୀଗୃହ ରହିଛି ମାତ୍ର ଦୁଇଟି, ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ୩୩ ଛାତ୍ର,୧୪ଛାତ୍ରୀଙ୍କୁ ଦୁଇଟି ଶ୍ରେଣୀ ଗୃହରେ ପାଠ ପଢାଇବା ପାଇଁ ରହିଛନ୍ତି ପ୍ରଧାନ ଶିକ୍ଷକଙ୍କ ସମେତ ୨ ଜଣ ଶିକ୍ଷକ । ବିଦ୍ୟାଳୟଟି ୧୮ବର୍ଷର ପୁରାତନ ହୋଇଥିଲେ ମଧ୍ୟ ଛାତ୍ରୀଛାତ୍ର ମୌଳିକ ସୁବିଧାରୁ ବଞ୍ଚିତ। ରନ୍ଧନଶାଳ ନ ଥିବାରୁ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟରେ ହେଉଛି ମଧ୍ୟାହ୍ନଭୋଜନ ରୋଷେଇ। ଏଥିପାଇଁ ଜିଲା ପରିଷଦ ତରଫରୁ ୨୦୨୧-୨୨ରେ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ଏକ ରୋଷେଇ

**ଟେକଗୁଡ଼ା ପ୍ରାଥମିକ ବିଦ୍ୟାଳୟ**

ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଘରଟିକୁ ବିଦ୍ୟାଳୟକୁ ହସ୍ତାନ୍ତର କରା ନ ଯାଇ ନାହିଁ। ଉକ୍ତ ବିଦ୍ୟାଳୟରେ ପଣି ଟାଙ୍କି ଅଛି ପାଇପ୍ ଲାଇନ୍ ବିଛାଯାଇଛି, କିନ୍ତୁ ପିଇବା ପାଣି ଏବଂ ମଧ୍ୟାହ୍ନଭୋଜନ ପରେ ହାତ ଧୋଇବା ପାଇଁ ନିକଟରେ ଥିବା ନଳକୂପ ଉପରେ ନିର୍ଭର କରୁଛନ୍ତି। ଶୌଚଳୟ କଥା ନ କହିବା ଭଲ। ଛାତ୍ରୀ ଛାତ୍ର ବସି ପାଠ ପଢୁଥିବା ଶ୍ରେଣୀଗୃହଗୁଡ଼ିକର ବହୁ ପୁରାତନ ହୋଇଥିବାରୁ ବିଭିନ୍ନ ସମୟରେ ଛାତ ଏବଂ କାନ୍ଥରୁ ପଲସ୍ତରା ଖସୁଛି।



ନଷ୍ଟ ହୋଇଥିବା ସ୍କୁଲ ଘର ।

ବହୁ କାନ୍ଥରୁ ପଲସ୍ତରା ଖସି ଇଟା ସବୁ ପଦାକୁ ବାହାରିଯାଇଥିବା ବେଳେ ଛାତରୁ ପଲସ୍ତରା ଛାଡ଼ି ଲୁହା ଛଡ଼ଗୁଡିକ ବାହାରକୁ ଦେଖାଦେଉଛି। ଏହା ସହିତ ପାଚେରି ନ ଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି ସ୍କୁଲ ପରିସର। ଏଣୁ କାର୍ଯ୍ୟରତ ଶିକ୍ଷକଙ୍କ ସମେତ ବିଦ୍ୟାଳୟ କମିଟି ଏବଂ ଅଭିଭାବକ ବୃନ୍ଦ ବହୁବାର ସ୍ଥାନୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିବା କହିଛନ୍ତି ଏଏମ୍‌ସି କମିଟି ସଭାପତି ଚଇତୁ ହଲବା । ଏନେଇ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ନାଗଙ୍କୁ ପଚାରିବାରୁ ବହୁ ବାର ଏସ୍‌ମ୍‌ସି କମିଟି ସମେତ ବିଦ୍ୟାଳୟ ପକ୍ଷରୁ ୨୦୧୯ ରୁ ବର୍ତ୍ତମାନ ସୁଦ୍ଧା ବହୁ ଥର ସରପଞ୍ଚ,ବ୍ଲକ ଶିକ୍ଷାଧିକାରୀ, ବିଡିଓ ଓ ତହସିଲ ଦାରଙ୍କ ସମେତ ଜିଲାପାଳଙ୍କ ଜନଶୁଣାଣିରେ ମଧ ଲିଖିତ ଅଭିଯୋଗ କରାଯାଇଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ଅଧିକାରୀଙ୍କ ନଜରକୁ ବିଦ୍ୟାଳୟ ଆସିନାହିଁ। ଜିଲାପାଳଙ୍କ ଜନ ଶୁଣାଣିରେ ବିଦ୍ୟାଳୟର ପରିସ୍ଥିତି ବିଷୟରେ ପୁନର୍ବାର ଲିଖିତ ଭାବେ ଜଣାଇବୁ ବୋଲି ଏସ୍‌ଏମ୍‌ସି କମିଟି ସଭାପତି ଚଇତୁ ହଲବା,ପୁନ କବାସୀ, ରାମଚନ୍ଦ୍ର ମାଢ଼ି,ଭୀମା ମାଢ଼ି, ଦୀପ ମାଢିଙ୍କ ସମେତ ଅଭିଭାବକ କହିଛନ୍ତି।

# ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ




ଯୁବଦିବସରେ ଯୋଗଦେଇଥିବା ଅତିଥି ।

**ମାଲକାନଗିରି,୧୨।୮(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ମହାବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ଯୁବ ଦିବସ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଥମେ ମହାବିଦ୍ୟାଳୟରେ ସଫେଇ କାର୍ଯ୍ୟକରି ସ୍ୱଚ୍ଛ ଭାରତ ଅଭିଯାନର ବାର୍ତ୍ତା ଦେଇଥିଲେ। ପରେ ମହାବିଦ୍ୟାଳୟରେ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଆମ ଦେଶର ଭବିଷ୍ୟତ ଯୁବ ପିଢ଼ିଙ୍କ ହାତରେ, ତେଣୁ ଆଗାମୀ ଦିନରେ କିପରି ଗଣତନ୍ତ୍ରର ସୁରକ୍ଷା, ଦେଶଭକ୍ତି, ସୁନାଗରିକ ହୋଇ ଦେଶ ଗଠନରେ ନିରପେକ୍ଷ ଭାବେ ନିଜକୁ ସାମିଲ କରିବା ସହ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବେ ସେ ବିଷୟରେ କହିଥିଲେ। ଏଥିରେ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ରମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ନମିତା ଦଣ୍ଡସେନା, ପ୍ରେମରେଖା ଭତ୍ରା, ଅଧ୍ୟାପକ ଉମେଶ ଚନ୍ଦ୍ର ରାଉତ, ଅଶୋକ କୁମାର ଷଡଙ୍ଗୀଙ୍କ ସହ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଗଛ ଉପୁଡ଼ି ଆଦର୍ଶ ବିଦ୍ୟାଳୟ ପାଚେରି ଭାଙ୍ଗିଲା

**ପଡିଆ,୧୨।୮(ଭାସ୍କର ରାଓ )**

ବର୍ଷାରେ ପଡିଆ ବ୍ଲକ ବାପନପଲ୍ଲୀ ପଞ୍ଚାୟତ ସଦର ଆଦର୍ଶ ବିଦ୍ୟାଳୟ ପରିସର ନିକଟରେ ଥିବା ବିରାଟ ଗଛ ଉପୁଡି ପାଚେରି ଭଙ୍ଗିବା ସହ ବିଦ୍ୟୁତ୍ ତାର ଛିଡି ଛାତ୍ରୀ ନିବାସକୁ ଥିବା ଯିବା ଆସିବା ରାସ୍ତା ବନ୍ଦ ହୋଇଯାଇଥିଲା। ଅଗ୍ନିଶ୍ରମ ବାହିନୀ ପକ୍ଷରୁ ଶନିବାର ଗଛ କାଟି ସଫା କରାଯାଇଥିବା ଜଣାପଡିଛି। ମଧ୍ୟାହ୍ନରେ ଘଡଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ ବିଦ୍ୟାଳୟ ପାଚେରି ନିକଟରେ ବହୁ ବର୍ଷର ପୁରୁଣା ଏକ ମୁଣ୍ଡି ଗଛ ହଠାତ ଉପୁଡି ପଡିଥିଲା। ଫଳରେ ପାଚେରି ଭାଙ୍ଗିଯିବା ସହ ବିଦ୍ୟୁତ୍ ତାର ଛିଡି ଯାଇ ଛାତ୍ରୀ ନିବାସ ରାସ୍ତା ଅବରୋଧ ହୋଇଥିଲା। ପଡିଆ ଅଗ୍ନିଶମ ଅଧିକାରୀ ନିରଞ୍ଜନ ପାଇକ ରାୟ, ଆଗ୍ନିକ, ସୁଶାନ୍ତ କୁମାର ସାହୁ, ଆଗ୍ନିକ ବିନୋଦ ବେହେରା, ରେଣୁ ଧୀସାରି, ଲକ୍ଷ୍ମୀ ଧର ଯାନୀ, ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲେ ।



ଅଗ୍ନିଶମ ବାହିନୀ ରାସ୍ତା ସଫା କରୁଛନ୍ତି ।

# ଛାତ୍ରୀଛାତ୍ରଙ୍କ ସମସ୍ୟା ଉପରେ ଗୁରୁତ୍ୱ

**ବାଲିମେଳା, ୧୨।୮ (ଶିବଦତ୍ତ ସାହୁ)**



ଉନ୍ନୟନ କମିଟି ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟମାନେ ।

ମାଲକାନଗିରି ଜିଲା ବାଲିମେଳା ସହରରେ ଥିବା ୫-ଟି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଶିକ୍ଷାର ଗୁଣାତ୍ମକ ବିକାଶ ଏବଂ ବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ନେଇ ଉନ୍ନୟନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସୁଶିଳା କୁମାରୀ ହିୟାଲ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ, ପରିଚାଳନା କମିଟିର ସମସ୍ତ ସଦସ୍ୟା ସଦସ୍ୟ ଓ ଛାତ୍ରୀଛାତ୍ରଙ୍କମାନେ ଉପସ୍ଥିତ ଥିଲେ। ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୁରେନ୍ଦ୍ର ବେହେରା, ବାଲିମେଳା ନଗର ବଣିକ ସଂଘ ସଭାପତି ରାଜେନ୍ଦ୍ର କୁଳଦୀପ, ଖବରଦାତା ଶିବଦତ୍ତ ସାହୁ, ନିରଞ୍ଜନ ମଲ୍ଲ, ବରିଷ୍ଠ ନାଗରିକ ହର ପ୍ରସାଦ ଖାଡେଙ୍ଗା ଯୋଗ ଦେଇଥିଲେ।

ସୂଚନାଯୋଗ୍ୟ, ୧୯୬୯ ଜୁଲାଇ ୧ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ଏବେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୮୮୬ ଜଣ ଛାତ୍ରୀଛାତ୍ର ଅଧିନ କରୁଛନ୍ତି। ଏମାନଙ୍କ ମଧ୍ୟରୁ ୩୩୦ଜଣ ଛାତ୍ରାବାସରେ ରହି ପଢୁଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ୧୯ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିବା ବେଳେ ସିବିଜେଡ ପାଇଁ ୨ଜଣ, ଟିଜିଟି ପାଇଁ ୨ଜଣ ଓ ପ୍ରାଇମେରୀ ପାଇଁ ୪ଜଣ ଶିକ୍ଷକଙ୍କ ଆବଶ୍ୟକତା ଏଯାଏ ପୂରଣ ହୋଇନାହିଁ। ସେହିପରି ଛାତ୍ରୀଛାତ୍ରଙ୍କ ଲାଗି ୭ଟି ଶ୍ରେଣୀ ଗୃହ ରହିଛି। ୧।୬।୨୦୨୨ରେ ଏହି ବିଦ୍ୟାଳୟକୁ ୫-ଟିରେ ସାମିଲ

**ସରକାରୀ ଉଚ୍ଚ ବିଦ୍ୟାଳୟ ଉନ୍ନୟନ କମିଟି ବୈଠକ**

କରାଯାଇଛି। ଏବାବଦ ମିଳିଥିବା ଅନୁଦାନରୁ ୩ଟି ସ୍ମାର୍ଟ ରୁମ ନିର୍ମାଣ ହୋଇଛି। ବିଦ୍ୟାଳୟରେ ଥିବା ୭ଟି ଶ୍ରେଣୀ ଗୃହ ଓ ୩ଟି ସ୍ମାର୍ଟ ରୁମକୁ ମିଶାଇ ମୋଟ ୧୦ଟି କୋଠରିରେ ସମସ୍ତ ଛାତ୍ରୀଛାତ୍ରମାନେ ପଢୁଛନ୍ତି। ଲୋ ଭୋଲଟେଜ ସମସ୍ୟା ସୃଷ୍ଟି କରୁଥିବାରୁ ଛାତ୍ରାବାସ ପାଇଁ ଏକ ନୂତନ ଟ୍ରାନ୍ସଫର୍ମର ବିଦ୍ୟାଳୟରେ ଲଗାଇବାକୁ ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ଅନୁମୋଦନ କରିଥିଲେ ହେଁ ଏଯାଏ ଟ୍ରାନ୍ସଫର୍ମର ବସିପାରିନାହିଁ ବୋଲି ପରିଚାଳନା କମିଟି ଅଧ୍ୟକ୍ଷ ବେହେରା କହିଛନ୍ତି। ଏହାବ୍ୟତୀତ ପିଲାମାନେ ବସି ମଧ୍ୟାହ୍ନ ଭୋଜନ ଖାଇବାକୁ ଆବଶ୍ୟକ ଗୃହ କିମ୍ବା ସେଡ ନାହିଁ । ପିଲାମାନଙ୍କ ସାମଗ୍ରିକ ବିକାଶ ଯଥା ସାମାଜିକ, ଶାରୀରିକ, ସାଂସ୍କୃତିକ ଦକ୍ଷତାର ବିକାଶ ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରୟାସ ଜାରି ରହିଛି ବୋଲି ପ୍ରଧାନଶିକ୍ଷୟିତ୍ରୀ ହିୟାଲ ଅଭିଭାବକମାନଙ୍କୁ ଅବଗତ କରାଇଥିଲେ।

## ଜୟପୁରରେ ରଣମେଳା

ଜୟପୁର,(ପବନ ପାଣିଗ୍ରାହୀ)-ଜୟପୁର ସରୋଜିନୀ ଭବନଠାରେ ଏକ ରଣମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି, ଷ୍ଟେଟବ୍ୟାଙ୍କ ଓ କାନାରା ବ୍ୟାଙ୍କର ଶାଖା ପରିଚାଳକ ମାନେ ଉପସ୍ଥିତ ଥିଲେ। ଉଠାଦୋକାନୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ରଣ ଦେବା ନେଇ କେନ୍ଦ୍ର ସରକାର ପିଏମ୍ ସ୍ୱନିଧି ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏନେଇ ଜୟପୁର ପୌରାଞ୍ଚଳରେ ଥିବା ଉଠାଦୋକାନୀମାନେ ଆବେଦନ କରିଥିଲେ। ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏ ବ୍ୟାଙ୍କମାନେ ରଣ ସହାୟତା ଦେବାକୁ ସ୍ଥିର ହୋଇଛି। ଏହି ଟଙ୍କା ସେମାନେ ଯଦି ବର୍ଷକ ଭିତରେ ଶୁଝି ଦେବେ ତା' ହେଲେ ପୁଣି ୨୦ ହଜାର ଟଙ୍କା ଏପରିକି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରଣ ସହାୟତା ମିଳିବ ବୋଲି ସେମାନଙ୍କୁ ଅବଗତ କରାଯାଇଥିଲା।

## ସଂକ୍ଷେପରେ

### ବୀର ଶହୀଦଙ୍କ ସ୍ମୃତି ଚାରଣ

ଝରିଗାଁ,୧୨।୮(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ କରସାହାଣ୍ଡି ଗ୍ରାମରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଗତ ନେହେରୁ ଯୁବକେନ୍ଦ୍ର ଓ ଝରିଗାଁ ସିଆର୍‌ପିଏଫ୍ ଡି-୧୨ ବାଟାଲିୟନର ମିଳିତ ଆନୁକୂଲ୍ୟରେ 'ମେରି ମିଟି, ମେରା ଦେଶ' 'ମାଟି କୋ ନମନ ବୀର କା ବନ୍ଦନ' ଶୀର୍ଷକ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝରିଗାଁ ସିଆର୍‌ପିଏଫ୍ ବାଟାଲିୟନ କମାଣ୍ଡର ସୁଖବୀର ସିଂ ଓ ତାଙ୍କ ସହଯୋଗୀ, ଝରିଗାଁ ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ନିହାରିକା ପାଣ୍ଡେ, ସାମାଜିକ କର୍ମୀ ଗୌତମ ପୂଜାରୀ, କୈଳାସ ଗୌଡ଼, ଶ୍ରୀନୁ ନାୟକ, ନରେଶ ପାଣ୍ଡେ, ବିକାଶ ନାୟକ, ଲିଙ୍କନ ପାଣ୍ଡେ ଓ ଭୂପେନ୍ଦ୍ର ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଦେଶ ଓ ଜାତି ପାଇଁ ବଳିଦାନ ଦେଇଥିବା ବୀର ଶହୀଦଙ୍କ ସ୍ମୃତି ଚାରଣ କରାଯାଇଛି। ଗ୍ରାମ୍ୟ ଖେଳ ପଡ଼ିଆ ଓ ପ୍ରାଥମିକ ବିଦ୍ୟାଳୟ ପରିସରରେ ଯୁବଗୋଷ୍ଠୀ ଏବଂ ବିଦ୍ୟାର୍ଥୀଙ୍କୁ ନେଇ ଏକ ସଚେତନତା ସଭା ଓ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ସାମାଜିକ କର୍ମୀ ଗୌତମ ପୂଜାରୀ ଧନ୍ୟବାଦ ଦେଇଥିଲେ।

### ତ୍ରିରଙ୍ଗା ଯାତ୍ରା ନେଇ ପ୍ରସ୍ତୁତି ବୈଠକ



ପାପଡାହାଣ୍ଡି,୧୨।୮ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦଳେଇଗୁଡ଼ାରେ ଭାଜପାର ତ୍ରିରଙ୍ଗା ଯାତ୍ରା ନେଇ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ପର୍ଶୁରାମ ମାଝିଙ୍କ ସଭାପତିତ୍ୱରେ ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ମୋନିଜର ଆର୍ଯ୍ୟା, ହରିମୋହନ ଶର୍ମା, ହରି ପାଣିଗ୍ରାହୀ, ତ୍ରିନାଥ ପ୍ରଧାନ, ବି. ରାମବାବୁ, କ୍ଷେତ୍ରମୋହନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୧୪ରେ ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ୭୦୦ ବାଇକ ତ୍ରିରଙ୍ଗା ନେଇ ଶହୀଦ ମିନାରରେ ଏକତ୍ରିତ ହେବେ ବୋଲି କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି। ପରେ ଡାକ ବଙ୍ଗଳାରେ ଏକ ବୈଠକ କରାଯିବାକୁ ସ୍ଥିର ହୋଇଛି। ପ୍ରସ୍ତୁତି ବୈଠକରେ ସୁଧାଂଶୁ ବିଷୋୟୀ, ପିଙ୍କୁ ବିଷୋୟୀ, ସଞ୍ଜୀବ ବିଷୋୟୀ,ସୋମନାଥ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ

କୋରାପୁଟ,୧୨।୮(ଅମିତାଭ ବେହେରା)

କୋରାପୁଟ ବ୍ଲକର ମାନବାର ପଞ୍ଚାୟତରେ କେନ୍ଦ୍ର ସରକାରଙ୍କ ମେରି ମାଟି, ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ପରିଷଦ ଅଧକ୍ଷ ସସ୍ମିତା ମେଲକା ମୁଖ୍ୟ ଅତିଥିଭାବେ ଯୋଗଦେଇ ମାଟି ବନ୍ଧ ପାର୍ଶ୍ୱରେ ଗଛ ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝି, ଉପାଧକ୍ଷ ଶିବ ଗୋଲରି, ଜିଲା ପରିଷଦ ସଦସ୍ୟ ରଘୁ ଜାନି, ମାନାବର ସରପଞ୍ଚ ଲବ ମୁଦୁଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଜରାଜୀର୍ଣ୍ଣ ନବରଙ୍ଗପୁର ଆଦିବାସୀ ସଂଗ୍ରହାଳୟ

ନବରଙ୍ଗପୁର,୧୨।୮(ସଦାଶିବ ପ୍ରହରାଜ)



ନବରଙ୍ଗପୁର ସହର ମଧ୍ୟଭାଗରେ ଥିବା ଆଦିବାସୀ ସଂଗ୍ରହାଳୟ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଏହି କୋଠାର ପୁନରୁଦ୍ଧାରକୁ ଗୁରୁତ୍ୱ ନ ଦେଇ ଗତ ସାଧାରଣ ନିର୍ବାଚନ ପୂର୍ବରୁ ପାପଡାହାଣ୍ଡି ମୃଗବିହାରରେ ଏକ ଆଦିବାସୀ ସଂଗ୍ରହାଳୟ ନିର୍ମାଣ ପାଇଁ ୧୨ କୋଟି ଟଙ୍କା ଅନୁଦାନ ଦିଆଯାଇଥିଲା। ତାହା ବି ପାଚେରିରେ ସୀମିତ ହୋଇ ରହିଛି।

ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲାରେ ଆଦିବାସୀଙ୍କ ବିଲୁପ୍ତକଳା, ସଂସ୍କୃତି ଓ କଳାକୃତି, ଐତିହାସିକ ଅଂଶ ବିଶେଷକୁ ଉତ୍ତର ପିଢ଼ିଙ୍କ ଉଦ୍ଦେଶ୍ୟରେ ସଂରକ୍ଷଣ କରି ରଖିବା ପାଇଁ ସହରର ମଧ୍ୟଭାଗରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝିଙ୍କ ଉନ୍ନୟନ ପାଣ୍ଠିରେ ଏକ ଜନଜାତି ସଂଗ୍ରହାଳୟ ଓ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଥିଲା। ଏହି କୋଠାକୁ ୨୦୦୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରି ଆଦିବାସୀ କୀର୍ତ୍ତିରାଜିର ସଂରକ୍ଷଣ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ଏହି କୋଠାକୁ ସଂସ୍କୃତି ବିଭାଗ ମାତ୍ର କେଇ ବର୍ଷ ଚଲାଇବା ପରେ ପୌର ପରିଷଦକୁ ହସ୍ତାନ୍ତର କରିଥିଲା। ଏହି କୋଠାରେ କିଛି ବର୍ଷ ଆଶୀର୍ବାଦ କଲ୍ୟାଣ ମଣ୍ଡପ ନାମରେ ଚଳାଯାଇଥିଲା। ପରେ ଉକ୍ତ କୋଠାରେ ଚାଲିଥିବା କଲ୍ୟାଣ ମଣ୍ଡପକୁ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଗଲା। ପରବର୍ତ୍ତୀ ସମୟରେ ଏହି କୋଠାକୁ ବନ୍ଦ କରି ଲିଜ୍ ସୂତ୍ରରେ ଦିଆଗଲା। ୨୦୨୦ରେ ଏହି କୋଠାକୁ ରାସ୍ତା ଓ କୋଠାବାଡି ବିଭାଗ ପକ୍ଷରୁ ଅସୁରକ୍ଷିତ ଏବଂ ବ୍ୟବହାର ଅନୁପଯୋଗୀ ଘୋଷଣା କରାଯାଇଛି। ଅସୁରକ୍ଷିତ ଘୋଷଣା ପରେ ବି ଏହାକୁ ଲିଜ୍ ସୂତ୍ରରେ ଦିଆଯାଇଥିଲା। ପରେ ଲୋକଙ୍କ ଆପତ୍ତି ଅଭିଯୋଗ ପରେ ଏହି ଲିଜ୍ ବାତିଲ କରାଯାଇଛି। ଚଳିତ ବର୍ଷ ପୌରସଂସ୍ଥା ପକ୍ଷରୁ ବୁଲାଗୋରୁ ରଖିବା ପାଇଁ ଉକ୍ତ ସ୍ଥାନରେ ଅସ୍ଥାୟୀ କାଞ୍ଜିଆହୁଦା କରାଯାଇଛି। ଏହି କୋଠା ପୁନରୁଦ୍ଧାର ପ୍ରତି ଦୃଷ୍ଟି ନ ଦେଇ ସାଧାରଣ ନିର୍ବାଚନ ପୂର୍ବରୁ ୧୨ କୋଟି ଟଙ୍କା ବ୍ୟୟରେ ପାପଡାହାଣ୍ଡି ମୃଗବିହାର ନିକଟରେ ଏକ ଆଦିବାସୀ ସଂଗ୍ରହାଳୟ ନିର୍ମାଣ କରିବାକୁ ଭୂମିପୂଜନ କରାଯାଇଥିଲା। ଭୂମିପୂଜା ପରେ ପ୍ରାୟ ୨୫ଲକ୍ଷ ଟଙ୍କା ବ୍ୟୟରେ ସେହି ସ୍ଥାନରେ ଏକ ବିରାଟ ପାଚେରି ତିଆରି କାର୍ଯ୍ୟ ଅଧାରେ ଅଟକିଗଲା। ପରବର୍ତ୍ତୀ ସମୟରେ କୌଣସି କାରଣରୁ ଏହି ଟେଣ୍ଡର ବାତିଲ ହୋଇଯାଇଥିଲା। ତା ପରଠାରୁ ଶିଳାନ୍ୟାସରେ ସୀମିତ ହୋଇ ରହିଛି ଜନଜାତି ସଂଗ୍ରହାଳୟ। ସଂଗ୍ରହାଳୟ ନିର୍ମାଣ ପାଇଁ ରାଜ୍ୟରୁ ଏକ ନୂତନ ଡିଜାଇନ ନ ଆସିବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଗଲା। ଏବେ ଡିଜାଇନ ଆସିବା ପରେ ଉକ୍ତ ଡିଜାଇନକୁ ରାସ୍ତା ଓ କୋଠାବାଡି ବିଭାଗକୁ ପଠାଯିବ। ପୂର୍ତ୍ତ ବିଭାଗ ଉକ୍ତ ଡିଜାଇନ ଆଧାରରେ କରି ଯେଉଁ ବ୍ୟୟ ଅଟକଳ ପ୍ରସ୍ତାବ ଦେବ ସେହି ଅର୍ଥକୁ ଆଇଟିଡିଏ ବିଭାଗ ପକ୍ଷରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ଏ ନେଇ ଜିଲା ଜନଜାତି ସୁରକ୍ଷା ମଞ୍ଚ ଉପଦେଷ୍ଟା ଅର୍ଜୁନ ଭତ୍ରା କହିଛନ୍ତି ସହର ମଧ୍ୟରେ ଅସୁରକ୍ଷିତ ଭାବେ ପରିତ୍ୟକ୍ତ ଅବସ୍ଥାରେ ଥିବା ଆଦିବାସୀ ସଂଗ୍ରହାଳୟକୁ ପୁନଃ କାର୍ଯ୍ୟକ୍ଷମ କଲେ ଲୋପପାଇଆସୁଥିବା ଆଦିବାସୀ ସଂସ୍କୃତି ଓ କୀର୍ତ୍ତିରାଜିକୁ ଉତ୍ତରପିଢ଼ି ଜାଣିପାରିବେ ଓ କାମରେ ଲାଗିପାରିବ। ସହର ମଧ୍ୟରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଆଦିବାସୀ ସଂଗ୍ରହାଳୟକୁ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ଏକ ନୂତନ କୋଠା ନିର୍ମାଣ କରାଯିବ ବୋଲି ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝି କହିଛନ୍ତି।

# ଅବହେଳିତ ଗାଁ ବରଡ଼ାଝୋଡ଼ି

ତେନ୍ତୁଳିଖୁଣ୍ଟି, ୧୨।୮ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ସଦର ପଞ୍ଚାୟତର ଅବହେଳିତ ଗାଁ ବରଡ଼ାଝୋଡ଼ି। ରାସ୍ତା ,ପାନୀୟ ଜଳ ବିଦ୍ୟାଳୟ ଭଳି ମୌଳିକ ସୁବିଧା ଦାବିକରି ଗ୍ରାମବାସୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ଭୋଟ ବର୍ଜନ କରିଥିଲେ। ତଥାପି ମାଟି ରାସ୍ତା ପରୁ କିମ୍ବା କଂକ୍ରିଟ୍ ହୋଇନାହିଁ। ବିଦ୍ୟାଳୟରେ କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ତାହାକୁ ବନ୍ଦ କରିଦିଆଯାଇଛି। ସରକାର ନିୟମ ପରିବର୍ତ୍ତନ କରିବା ପରେ ମଧ୍ୟ ସ୍କୁଲ ଖୋଲି ପାରିନାହିଁ। ଏବେ ଏଠାରୁ ଆଉ ଏକ ଅବହେଳା ଚିତ୍ର ସାମ୍ନାକୁ ଆସିଛି। ଗାଁର ପଦୁ ଜାନି, ଆଶା ଜାନି, ଚନ୍ଦ୍ର ଜାନି, କନ୍ଦି ଜାନି, ନରସିଂହ ମୁଦୁଲି, ଜନେଇ ମାଝି, ସନେଇ ମୁଦୁଲି, ଜାମୁଲି ଜାନି, ଜୟସିଂହ ଜାନି ପ୍ରମୁଖଙ୍କ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ସେମାନଙ୍କୁ ଭତ୍ତା ମିଳୁନାହିଁ। ସେମାନଙ୍କଠାରୁ କମ୍ ବୟସର ଅନେକେ ଭତ୍ତା ପାଉଛନ୍ତି। ଏ ନେଇସମିତି ସଭ୍ୟା ମଧୁସ୍ମିତା ପାଣିଗ୍ରାହୀ ବିଡିଓ ମନୋଜ ପାଣିଗ୍ରାହୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପରୋକ୍ତ ହିତାଧିକାରୀଙ୍କୁ ଭୋଟର ପରିଚୟ ପତ୍ରରେ ୬୦ବର୍ଷ ହୋଇ ନ ଥିବାରୁ ସେମାନେ ଭତ୍ତା ପାଇଁ ଯୋଗ୍ୟ ନୁହନ୍ତି ବୋଲି ବିଡିଓ କହିଛନ୍ତି। ବର୍ତ୍ତମାନ ଚାଲିଥିବା ସ୍ୱତନ୍ତ୍ର ଭୋଟର ପରିଚୟ ପତ୍ର କ୍ୟାମ୍ପେନରେ ସେମାନଙ୍କ ଭୋଟର ପରିଚୟ ପତ୍ର ସଂଶୋଧନ ପାଇଁ କୁହାଯିବ। ଏହାପରେ ପେନ୍‌ସନ ପାଇବା ବ୍ୟବସ୍ଥା କରିବେ ନଚେତ୍ ଡାକ୍ତରଙ୍କଠାରୁ ପ୍ରମାଣପତ୍ର ନେଇ ଭତ୍ତା ବ୍ୟବସ୍ଥା କରାଯିବ ବୋଲି ବିଡିଓ କହିଛନ୍ତି। ଏହି ଅବସରରେ ଭୀମସେନ ପାଣିଗ୍ରାହୀ, ଚିଦାନନ୍ଦ ସାହୁଙ୍କ ସମେତ ଭତ୍ତାରୁ ବଞ୍ଚିତ ବୃଦ୍ଧାବୃଦ୍ଧ ଉପସ୍ଥିତ ଥିଲେ।

# ନିରପେକ୍ଷ, ଶାନ୍ତିପୂର୍ଣ୍ଣ ନିର୍ବାଚନରେ ଗଣତନ୍ତ୍ର ସୁଦୃଢ଼ ହେବ



ଭୋଟର ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

କୋଡ଼ିଙ୍ଗା, ୧୨।୮(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍, ରେଡ୍ ରିବନ କ୍ଲବ, ଜାତୀୟ ସେବା ଯୋଜନା ଓ ଭୋଟର ସାକ୍ଷରତା କ୍ଲବ ପକ୍ଷରୁ ଅନ୍ତର୍ଜାତୀୟ ଯୁବଦିବସ ପାଳନ ଓ ଭୋଟର ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଅନୁଷ୍ଠାନର ଉପାଧ୍ୟକ୍ଷ ବିବେକ କୁମାର ମହାଲିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଟିଙ୍କୁନ ପୁଟ ମୁଖ୍ୟ ଅତିଥି, କୋଷଗୁମୁଡ଼ା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ତ୍ରିଲୋଚନ ଚଞ୍ଚଣ ମୁଖ୍ୟବକ୍ତା, ଅଧ୍ୟାପକ ରବିନାରାୟଣ ପାଣିଗ୍ରାହୀ, ଦାମୋଦର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ଭାରତ। ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁଣ୍ଣ ରଖିଲେ ଗଣତନ୍ତ୍ର ସୁଦୃଢ଼ ହୋଇ ପାରିବ ବୋଲି ଅତିଥିମାନେ କହିଥିଲେ। ଯୁବଗୋଷ୍ଠୀ ରାଷ୍ଟ୍ରର ଶକ୍ତି। ଯୁବଶକ୍ତି ଚାହିଁଲେ ଦେଶର ପ୍ରଗତି ହୋଇପାରିବ ବୋଲି ଅତିଥି କହିଛନ୍ତି। ଅତିଥି, ଅଧ୍ୟାପକ କର୍ମଚାରୀ ଏବଂ ଛାତ୍ରୀଛାତ୍ର ମତଦାନ କରିବାକୁ ଶପଥ ନେଇଥିଲେ। ଯୁବରେଡ୍‌କ୍ରସ୍ କାଉନସିଲର ଅଖିଳ ଭଞ୍ଜ ମଞ୍ଚ ସଂଯୋଜନା କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ପଞ୍ଚାନନ ଦୁରିଆ ଧନ୍ୟବାଦ ଦେଇଥିଲେ ।

# ଶୋଷଣ ସୁରକ୍ଷା ଆଇନ କଡ଼ାକଡ଼ି ଦାବି

ରାଇଘର, ୧୨।୮(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଧୀନ ୨୬ ପଞ୍ଚାୟତର ସମସ୍ତ ମୂଳ ନିବାସୀ ଏସ୍‌ଟି, ଏସ୍‌ସି, ଓବିସି, ମାଇନୋରିଟି ରାଇଘର ଜଗନ୍ନାଥ ମନ୍ଦିରରେ ଏକାଠି ହୋଇଥିଲେ। ସେଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ବିଡିଓ ଲକ୍ଷ୍ମୀସାଗର ମାଝିଙ୍କୁ ଜରିଆରେ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ମାସକ ମଧ୍ୟରେ ଦାବିପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି।




ରାଇଘର ମୂଳ ନିବାସୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ରାଇଘର ଅଞ୍ଚଳରେ ୯୫ ପ୍ରତିଶତ ମୂଳନିବାସୀ ଅଛନ୍ତି। ସ୍ୱାଧୀନତାର ୭୬ ବର୍ଷ ବିତି ଯାଇଥିଲେ ମଧ୍ୟ ଭାରତୀୟ ସମ୍ବିଧାନରେ ମୂଳ ନିବାସୀଙ୍କ ନିମନ୍ତେ ଦେଇଥିବା ମୌଳିକ ଅଧିକାରରୁ ସେମାନଙ୍କୁ ବଞ୍ଚିତ କରାଯାଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିସହ ମଣିପୁରରେ ଜାତିଗତ ଓ ସମ୍ପ୍ରଦାୟିକ ହିଂସାରେ ସମ୍ପୃକ୍ତ ଓ ୨ ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଦେଇଥିବା ବ୍ୟକ୍ତିମାନଙ୍କୁ ଫାଶି, କେନ୍ଦ୍ର ସରକାରଙ୍କ ୟୁନିଫର୍ମ ସିଭିଲ୍ କୋର୍ଡ ବିଲ୍‌କୁ ଫେରସ୍ତ, ଜଙ୍ଗଲ ସଂରକ୍ଷଣ ବିଧେୟକ ଆଇନ-୨୦୨୩କୁ ରଦ୍ଦ, ମୂଳନୀବାସୀଙ୍କୁ ଅନ୍ୟାୟ ଅତ୍ୟାଚାର ବିରୋଧୀ, ଶୋଷଣରୁ ସୁରକ୍ଷା ଦେଉଥିବା ଆଇନକୁ କଡାକଡି ଭାବରେ ପାଳନ କରିବାକୁ ଦାବି ହୋଇଛି।

# ଯୁବ ସମାଜ ଦେଶର ସୁରକ୍ଷା କବଚ ସଦୃଶ

ଡାବୁଗାଁ,୧୨।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟରେ ଏନ୍‌ସିସି ପକ୍ଷରୁ ଆନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଦେଶ ସୁରକ୍ଷା ସହ ଦେଶର ବିକାଶରେ ସାମିଲ ହେବାକୁ ମହେନ୍ଦ୍ର ଦେବରପଲ୍ଲୀ କହିଛନ୍ତି। ଯୁବ ସମାଜ ଦେଶ ପାଇଁ ସୁରକ୍ଷା କବଚ ସଦୃଶ୍ୟ ବୋଲି ସେ କହିଛନ୍ତି। କଲେଜ ଅଧକ୍ଷ ଶଙ୍କର ପ୍ରସାଦ ଗନ୍ତାୟତ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୀର ସୈନିକ ଅମର ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏନ୍‌ସିସିର ୧୯ ଜଣ ସଦସ୍ୟଙ୍କୁ ନେଇ ଏକ ସଚେତନତା ସ୍ଲୋଗାନ ଦିଆଯାଇଛି। ଏହାପରେ ମହାବିଦ୍ୟାଳ ର ୨୦୦ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସାଧାରଣ ସଭା କରାଯାଇଛି। ଅର୍ଥନୀତି ବିଭାଗ ମୁଖ୍ୟ ଉର୍ମିଳା ବ୍ରହ୍ମା, ଇତିହାସ ବିଭାଗ ମୁଖ୍ୟ ପୁଷ୍ପାଞ୍ଜଳି ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ଚନ୍ଦନା ପଣ୍ଡା, ରାଜନୀତି ବିଜ୍ଞାନ ଅଧ୍ୟାପକ ମେକ୍ସ ନାୟକ, ଇତିହାସ ଅଧ୍ୟାପକ ଦୟାରାମ ମନୋହର ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ମନିସା ସରକାର ଧନ୍ୟବାଦ ଦେଇଥିଲେ।

# ଶିକ୍ଷକ, ଅଭିଭାବକ ବୈଠକରେ ହଟ୍ଟଗୋଳ

ପାପଡାହାଣ୍ଡି,୧୨।୮(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ହରିଜନ ସାହି ପ୍ରାଥମିକ ବିଦ୍ୟାଳୟରେ ଶନିବାର ଶିକ୍ଷକ ଓ ଅଭିଭାବକ ବୈଠକ କରାଯାଇଛି। ବିଦ୍ୟାଳୟ ସଭାପତି ସାବିତ୍ରୀ ସୋରାପୁଟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ୱାର୍ଡ ସଭ୍ୟ ଗଙ୍ଗାଧର ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ସମସ୍ୟା ନେଇ ଅଭିଭାବକମାନେ ବିଗିଡ଼ିଥିଲେ।



ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୩ ଜଣ ଛାତ୍ରୀଛାତ୍ର ପାଠ ପଢନ୍ତି। ଏଠାରେ ଶିକ୍ଷୟତ୍ରୀ ସୁନିତା ପରିଡ଼ା ସମସ୍ତ ଦାୟିତ୍ୱ ତୁଲାଉଛନ୍ତି। ତେଣୁ ପିଲାଙ୍କ ଭବିଷ୍ୟତ କଣ ହେବ ଏ ନେଇ ଅଭିଭାବକ ବିଗିଡ଼ିଥିଲେ। ବର୍ଷା ହେଲେ ବିଦ୍ୟାଳୟ ଶ୍ରେଣୀ ଗୃହରେ ପାଣି ଗଳୁଛି। ଏଠାରେ ବିଦ୍ୟୁତ ନାହିଁ। ଲୋକ ବିଦ୍ୟାଳୟ ପରିସରରେ ଆବର୍ଜନ ପକାଉଛନ୍ତି। ଫଳରେ ପରିବେଶ ଖରାପ ହେଉଛି କହି ଅଭିଭାବକ ବିଗିଡିଥିଲେ। ଏନେଇ ପ୍ରଧାନ ଶିକ୍ଷୟତ୍ରୀ ସିଆରସୀ ମନୋଜ କୁମାର ମାଝିଙ୍କୁ ଜଣାଇଥିଲେ। ଏବିଇଓ ପୂର୍ଣ୍ଣଚନ୍ଦ୍ର ପୂଜାରୀ, ଏବିଇଓ ସୁଦର୍ଶନ ନାୟକ ଓ ସିଆରସି ମନୋଜ କୁମାର ମାଝି ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କଠାରୁ ସମସ୍ୟା ବୁଝିଥିଲେ। ଅଳ୍ପ ଦିନ ମଧ୍ୟରେ ଆଉ ଜଣେ ଶିକ୍ଷକ ଯୋଗ ଦେବେ। ଡିଇଓଙ୍କୁ ଏ ନେଇ ଜଣାଯାଇଛି। ବିଦ୍ୟାଳୟର ଅନ୍ୟ ସମସ୍ୟା ନେଇ ବ୍ଲକ ଅଧକ୍ଷା, ବିଡିଓ,ସରପଞ୍ଚଙ୍କୁ ରେଗୁଲେସନ କରି ଦିଅନ୍ତୁ। ଏହାର ସମସ୍ୟା ର ସମାଧାନ ହେବ ବୋଲି ଏବିଇଓ ସୁଦର୍ଶନ ନାୟକ କହିଛନ୍ତି। ମୋ ସ୍କୁଲ ଅଭିଯାନରେ ଅଭିଭାବକ ଯେତେ ଟଙ୍କା ଜମା କରିବେ ସରକାର ତାହାର ୨ଗୁଣ ଟଙ୍କା ଦେବେ। ସେହି ଟଙ୍କାରେ ବିଦ୍ୟାଳୟ ପରିବେଶ ସଫା କରିବା ସହ ଅନ୍ୟ କାମ ହେବ ବୋଲି ସେ କହିଛନ୍ତି।

# ଉପଡାକଘରେ ଜାତୀୟ ପତାକା ବିକ୍ରି ଆରମ୍ଭ

ଡାବୁଗାଁ, ୧୨।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ହର୍ ଘର୍ ତ୍ରିରଙ୍ଗା ଅଭିଯାନ ନିମନ୍ତେ ଡାବୁଗାଁ ଉପ ଡାକଘରେ ଜାତୀୟ ପତାକା ବିକ୍ରି ଆରମ୍ଭ କରାଯାଇଛି। ସାଧାରଣ ଲୋକେ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଘରେ ତ୍ରିରଙ୍ଗା ଲଗାଇପାରିବେ। ହର୍ ଘର୍ ତ୍ରିରଙ୍ଗା ଅଭିଯାନର ପ୍ରଥମ ପଦକ୍ଷେପ ସ୍ୱରୂପ ଜାତୀୟ ପତାକା ଏବେ ପ୍ରତ୍ୟେକ ଡାକଘରେ ଏବଂ ଉପ ଡାକଘରେ ବିକ୍ରି କରାଯାଉଛି। ସବୁ ବର୍ଗର ବ୍ୟକ୍ତି ଡାକଘରୁ ଜାତୀୟ ପତାକା କ୍ରୟ କରୁଛନ୍ତି। ପ୍ରତ୍ୟେକ ତ୍ରିରଙ୍ଗାର ଦର ୨୫ ଟଙ୍କା ଧାର୍ଯ୍ୟ କରାଯାଇଥିବା ଡାବୁଗାଁ ଭାରପ୍ରାପ୍ତ ସବ୍ ପୋଷ୍ଟ ମାଷ୍ଟର ଛତିଶ ଓରାମ ସୂଚନା ଦେଇଛନ୍ତି। ହର୍ ଘର୍ ତ୍ରିରଙ୍ଗା ଅଭିଯାନକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ଡାକଘର ସାମ୍ନାରେ ଏକ ସେଲ୍ଫି ପଏଣ୍ଟ ରଖାଯାଇଛି।

# ଶିକ୍ଷକ-ଅଭିଭାବକ ସମ୍ମିଳନୀ



ଡାବୁଗାଁ,୧୨।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କୋଇଲାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ନୂତନ ଶିକ୍ଷାନୀତି ଓ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ, ସ୍କୁଲରେ ବିନାମୂଲ୍ୟରେ ପୋଷାକ ବଣ୍ଟନ, ବିଦ୍ୟାଳୟର ଉନ୍ନତିକରଣ, ସାଇବର ଠକଙ୍କ ପ୍ରତି ସାବଧାନତା ଅବଲମ୍ବନ ନେଇ ଆଲୋଚନା ହୋଇଛି। ବିଦ୍ୟାଳୟ କମିଟି ସଭାପତି ନୀଳାବତୀ ମାଝି, ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା, ଶିକ୍ଷୟିତ୍ରୀ ପୁଷ୍ପଲତା ସାମଲ, ଶର୍ମିଳା ଜେନା, ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡା, ଗୋବିନ୍ଦ ଭତ୍ରା, ସମସ୍ତ କମିଟି ସଭ୍ୟାସଭ୍ୟ, ଶିକ୍ଷୟତ୍ରୀ ଶିକ୍ଷକ ଓ ୧୦୦ରୁ ଉର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତି ଥିଲେ।

# ବୀର ଯବାନଙ୍କ ସମ୍ମାନରେ ୨୦୨୩ ଚାରାରୋପଣ

ନବରଙ୍ଗପୁର,୧୨।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ ଟିର୍ଲିଆମ୍ବାଗୁଡ଼ାସ୍ଥିତ ଆଦର୍ଶସ୍ନାତକ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଓ ଜିଲା ସାମାଜିକ ସମୀକ୍ଷା ୟୁନିଟ, ନବରଙ୍ଗପୁର ଜିଲା ପରିଷଦ ପକ୍ଷରୁ 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ରଞ୍ଜନ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଭାରପ୍ରାପ୍ତ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ସଂସ୍କୃତି ଅଧିକାରୀ ଘଷିଆ ହରିଜନ, ଜିଲା ଏନ୍‌ଏସ୍‌ଏସ୍ ଅଧିକାରୀ ବିନୋଦ ବିହାରୀ ପ୍ରଧାନ ଉପସ୍ଥିତ ଥିଲେ। ଦେଶର କୃଷକ, ବୈଜ୍ଞାନିକ ଓ ଯବାନମାନେ ହିଁ ପ୍ରକୃତ ହିରୋ। ବୀରଯବାନଙ୍କ ବଳିଦାନ ନିକଟରେ ଆମେ ସମସ୍ତେ ଚିରଋଣୀ ବୋଲି ଅତିଥିମାନେ କହିଥିଲେ। କାରଗିଲ ଯୁଦ୍ଧ ଲଢ଼ିଥିବା, ସେନାରୁ ଅବସର ନେଇଥିବା ନବୀନ ଭତ୍ରା, ଦୁର୍ଯ୍ୟୋଧନ ଭତ୍ରା, ରାଜେନ୍ଦ୍ର ନେଗି,ସଞ୍ଜୀବ ରାଜ ଖୁରା, ଯୋହନ ପିଲିନ ନାଗ, ବିଭୂତି ଭୂଷଣ ନାଗ, ଦଶମୁ ଭତ୍ରାଙ୍କୁ ସମ୍ମାନିତ କରାଯାଇଛି। ଅତିଥିମାନେ ଛାତ୍ରାବାସରେ ୧୫ ଆମ୍ବ ଚାରା ରୋପଣ କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ରାଜୀବ ଜାଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡ ଅରବିନ୍ଦ କୁମାର ଓଝା ପରିଚାଳନା କରିଥିଲେ। ଛାତ୍ରୀ ନିବାସ, ଛାତ୍ରାବାସ ଓ ମହାବିଦ୍ୟାଳୟର ଚାରି ଦିଗରେ ବିଭିନ୍ନ ପ୍ରଜାତିର ଫଳ ଓ ଜଙ୍ଗଲି ଗଛର ସମୁଦାୟ ୨୦୨୩ ଚାରା ରୋପଣ କରା ଯାଇଥିଲା। ଏଥିରେ ୩୦ରୁ ଅଧିକ ଗ୍ରାମ୍ୟ ସାମାଜିକ ସମୀକ୍ଷା କର୍ମୀ, ଗ୍ରାମ ରୋଜଗାର ସେବକ, ବ୍ଲକ ସାମାଜିକ ସମୀକ୍ଷକ, ଜିଲା ସାମାଜିକ ସମୀକ୍ଷକ ବୈବସ୍ୱତ ଚଲାଣ, କଲେଜ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି , ଛାତ୍ରୀଛାତ୍ର ଓ ଅନ୍ୟମାନେ ।

# ବ୍ଲକ୍ ଗ୍ରାଣ୍ଟ ହେବା ପରେ ବି ପରିଚାଳନାରେ ଅସଙ୍ଗତି

ତେନ୍ତୁଳିଖୁଣ୍ଟି, ୧୨।୮(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାରେ ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ୧୯୯୦ରେ ଖୋଲିଥିଲା ଇନ୍ଦ୍ରାବତୀ ପ୍ରକଳ୍ପ କଲେଜ। ଯୁକ୍ତ ୨ ବିଜ୍ଞାନ ଓ କଳା ଖୋଲିଲା ବେଳେ ଜଳ ସମ୍ପଦ ବିଭାଗର ପ୍ରତ୍ୟକ୍ଷ ପରିଚାଳନା ଓ ଅନୁଦାନରେ ୧୯୯୩ ପର୍ଯ୍ୟନ୍ତ ଚାଲିଲା। ସେତେବେଳେ ଜଳ ସମ୍ପଦ ବିଭାଗ ଦ୍ୱାରା ପରିଚାଳିତ ହେଉଥିବାରୁ ସମସ୍ତ ବିଷୟ ଅଧ୍ୟାପକ ପୂର୍ବରୁ ଚାକିରି କରୁଥିବା ଘରୋଇ କଲେଜ ଛାଡ଼ି ଏଠାରେ ଯୋଗଦେଲେ। କେତେଜଣ କର୍ମଚାରୀ ଶିକ୍ଷାକର୍ମୀ ଚାକିରି ଛାଡ଼ି ଏହି କଲେଜରେ ଯୋଗଦେଇଥିଲେ। ଜଳ ସମ୍ପଦ ବିଭାଗ ଜଳସେଚନ ଓ ଶକ୍ତି ବିଭାଗ ୨ ଭାଗ ହେବା ପରେ ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନ ଓ ମେଡିକାଲ ଆଦି ଶକ୍ତି ବିଭାଗ ଅଧୀନକୁ ଗଲା। ଖରାପ ସମୟ ଆସିଲା ଚତୁର୍ଥ ବେତନ କମିଶନ ଲାଗୁ ପରେ। ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଆଉ ଦରମା ବେତନ

### ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

କମିଶନ ରିପୋର୍ଟ ଆଧାରରେ ବୃଦ୍ଧି ନ କରି କଲେଜ ସମସ୍ତ ଟିଚିଂ ଓ ନନ୍ ଟିଚିଂ କର୍ମଚାରୀଙ୍କ ଦରମା ଫ୍ରିଜ୍ କରିଦେଲା। କଲେଜର ସମସ୍ତ ଷ୍ଟାଫ୍‌ଙ୍କ ଦରମା ଓ ପରିଚାଳନା ପାଇଁ ଏକ ନିର୍ଦ୍ଦିଷ୍ଟ ଆର୍ଥିକ ଅନୁଦାନ ଦେଇ ନିଜକୁ ପରିଚାଳନାରୁ ଦୂରେଇ ଦେଲା। ଏହା ପରଠାରୁ ଷ୍ଟାଫ୍‌ମାନେ କଲେଜ ଛାଡ଼ିବା ଆରମ୍ଭ କଲେ। ସେମାନଙ୍କ ପ୍ରତି ବଦଳରେ ନିଯୁକ୍ତ ଷ୍ଟାଫ୍‌ଙ୍କୁ ପ୍ରକଳ୍ପ କର୍ତ୍ତୃପକ୍ଷ ଭିନ୍ନ ନଜରରେ ଦେଖିଲେ। ସେମାନଙ୍କ ଚାକିରି ସର୍ତ୍ତାବଳୀରେ ଅନେକ କେଁ ରଖିଲେ।

କଲେଜରେ ୨ଜଣ ଇଂରାଜୀ ଅଧ୍ୟାପକଙ୍କ ମଧ୍ୟରୁ ଜଣେ ଚାକିରି ଛାଡ଼ିବା ପରେ ଉକ୍ତ ପଦବୀ ଏବେ ବି ପୂରଣ ହୋଇନାହିଁ। ଜଣେ ଅଧ୍ୟାପକ ବିଜ୍ଞାନ ଓ କଳାର ସମସ୍ତ ଛାତ୍ରୀଛାତ୍ରଙ୍କୁ ପଢ଼ାଇବାକୁ ବାଧ୍ୟ। ୨ ଓଡ଼ିଆ ଅଧ୍ୟାପକଙ୍କ ମଧ୍ୟରୁ ଜଣଙ୍କୁ ଚୁକ୍ତିଭିତ୍ତିରେ ନିଯୁକ୍ତି ଦିଆଯାଇଛି। ନିରବଚ୍ଛିନ୍ନ ଡ୍ୟୁଟି କଲେ ୬ ବର୍ଷ ପରେ ନିୟମିତ କରିବାକୁ ଦାବି କରିବେ ଭାବି ସେଥିପାଇଁ ଗଳାବାଟ କାଢ଼ି ଗୋଟିଏ ଦିନ ବାଦ୍ ଦେଇ ଚୁକ୍ତି ନବୀକରଣ କରାଯାଉଛି। ୨୦୧୫ରୁ ଓଡ଼ିଆ ଅଧ୍ୟାପିକା ଆଜିଯାଏ ଚୁକ୍ତିଭିତ୍ତିରେ ରହିଛନ୍ତି। ଉଦ୍ଭିଦ ବିଜ୍ଞାନରେ ୨୦୧୪ରୁ ଜଣେ ଚୁକ୍ତିଭିତ୍ତିରେ ଅଛନ୍ତି। ୨୦୧୯ରେ କଲେଜ ବହୁ ସଂଘର୍ଷ ପରେ ବ୍ଲକ୍ ଗ୍ରାଣ୍ଟ ମାନ୍ୟତା ପାଇଛି। କିନ୍ତୁ ବ୍ଲକ୍ ଗ୍ରାଣ୍ଟ ସର୍ତ୍ତାବଳୀ ବିଷୟରେ କାହା ପାଖରେ କିଛି ତଥ୍ୟ ନ ଥିବାରୁ ଏବେ ଯାଏ ଷ୍ଟାଫ୍‌ଙ୍କ ଇପିଏଫ୍ ଅର୍ଥ, କର୍ମଚାରୀଙ୍କ ଶେୟାର, ନିଯୁକ୍ତିଦାତାଙ୍କ ଶେୟାର ଜମା ହୋଇନାହିଁ। ଚୁକ୍ତିଭିତ୍ତିରେ ନିଯୁକ୍ତି ରେ ମଧ୍ୟ ଦୁଇଭାଗ। କିଏ ଗେଷ୍ଟ ଫାକଲ୍ଟିଭାବେ ୨୦ ହଜାର ଟଙ୍କା ଦରମା ପାଉଛନ୍ତି ତ କିଏ ଚୁକ୍ତିଭିତ୍ତିରେ ୧୩,୯୦୦ ଟଙ୍କା ଦରମା ପାଉଛି। ୧୯୯୦ରୁ ନିଯୁକ୍ତି ପାଇ ୨୦୦୯ ରେ ଚାକିରି ଛାଡ଼ି ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଗ୍ରାଚୁଇଟି ପାଇଥିବାବେଳେ ସମକାଳୀନ ନିଯୁକ୍ତ ଅଧ୍ୟାପକ ଅବସର ପରେ ଗ୍ରାଚୁଇଟିରୁ ବଞ୍ଚିତ। ୨୦୨୫ ସୁଦ୍ଧା ପ୍ରାୟତଃ ସମସ୍ତ ବିଭାଗ ଅଧ୍ୟାପିକା ଅଧ୍ୟାପକ ଅବସର ନେଇଯିବା ପରେ ସେତେବେଳେ ବି କ'ଣ ଏଭଳି ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନେଇ ପଢ଼ାଯିବ କି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ସେହିଭଳି ହେଲେ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗୁଣବତ୍ତା ରହିବନାହିଁ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସ୍ଥାୟୀ ଅଧକ୍ଷ ଦିଆଯାଇନାହିଁ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ଡାଟା ଏଣ୍ଟ୍ରି ଅପରେଟରଙ୍କ ଦରମାରେ ଅସଂଗତି ରହୁଛି। ଝରିଗୁମ୍ମା ବ୍ଲକ୍ ଗ୍ରାଣ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୮ ହଜାର ଟଙ୍କା ମିଳୁଥିବାବେଳେ ଏଠାରେ ୭ ହଜାର ଟଙ୍କାରେ ସୀମିତ ରଖାଯାଇଛି। ପ୍ରକଳ୍ପରୁ ବ୍ଲକ୍ ଗ୍ରାଣ୍ଟ ହେବା ପରେ ଯେଉଁଠି ବିଦ୍ୟାଳୟ ଅଛି ସେହି ଜମି ଏ ଯାଏ ବିଦ୍ୟାଳୟ ନାମରେ କରାଯାଇନାହିଁ। ଏ ନେଇ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କୁ ପଚାରିବାରୁ ମୁଁ ଠିକ୍‌ଭାବେ ଏସବୁ ବିଷୟରେ ଅବଗତ ନାହିଁ। ଏ ସମ୍ପର୍କିତ ଅଭିଯୋଗ ଏ ଯାଏ ଆସିନାହିଁ ବୋଲି କହିଛନ୍ତି।

